# ନେତାଙ୍କ ପାଇଁ କଳାପଥରରେ କଳା ଟଙ୍କା



ଧର୍ମଶାଳା ତହସିଲ ଅଞ୍ଚଳରେ କଳାପଥର ଲୁଟ୍ ପାଇଁ ଖନନ ଚାଲିଛି ।



ଭିସିଆଇ କମ୍ପାନୀ ପରିସରରୁ ମୋରମ୍ ଚାଲାଣ ପାଇଁ ରଖାଯାଇଛି ।

**ଯାଜପୁର,୮।୪(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାରେ ଲଘୁ ଖଣିଜ ସମ୍ପଦ କଳାପଥର, ମୋରମ, ବାଲି ଓ ମାଙ୍କଡା ପଥରର ପ୍ରାଚୁର୍ଯ୍ୟ ରହିଛି। ଗତ ପ୍ରାୟ ୧ ବର୍ଷ ହେବ ଲଘୁ ଖଣି ସମ୍ପଦର ସୁରକ୍ଷାଭାର ରାଜସ୍ୱ ବିଭାଗଠାରୁ କାଢ଼ି ନେଇ ଖଣି ବିଭାଗକୁ ଦିଆଯାଇଛି। ହେଲେ ଏହି ପ୍ରାଚୁର୍ଯ୍ୟର ସୁରକ୍ଷା ବଦଳରେ ହରିଲୁଟ ପରିମାଣ ବେଶି ହୋଇଛି। ପ୍ରାୟ ୯୦ଟି କଳାପଥର ଖାଦାନ ମଧ୍ୟରୁ ୩୫ଟି ଖାଦାନକୁ ପ୍ରଶାସନ ପକ୍ଷରୁ ଲିଜ୍ ଦିଆଯାଇ ରାଜସ୍ୱ ଆଦାୟ କରାଯାଉଛି। କିନ୍ତୁ ବାକି କଳାପଥର ଖାଦାନ ସମେତ ମୋରମ, ବାଲି ଓ ମାଙ୍କଡା ପଥର ଖାଦାନଗୁଡ଼ିକରୁ ବେଆଇନ ଲୁଟ୍ ଜୋର୍ ଧରିଛି। ଆଗାମୀ ନିର୍ବାଚନରେ ନେତାଙ୍କ ଖର୍ଚ୍ଚ ପାଇଁ ଖଣି ବିଭାଗର କେତେଜଣ ଅଧିକାରୀଙ୍କ ସହଯୋଗରେ କଳାପଥରରୁ କଳା ଟଙ୍କା ଜମା ହେଉଛି ବୋଲି ଜିଲାରେ ଚର୍ଚ୍ଚା ହେଉଛି। ତେବେ ଏଥିରେ କେବଳ ଶାସକ ଦଳ ନୁହେଁ, ବିରୋଧୀ ଦଳର ନେତାଙ୍କ ସହଭାଗିତା ରହିଛି ବୋଲି ମଧ ମତପ୍ରକାଶ ପାଇଛି। କାରଣ ଖଣିଜ ପଦାର୍ଥ ହରିଲୁଟ୍ ଉପରେ କୌଣସି ବିରୋଧୀ ଦଳର ନେତା ପ୍ରତିବାଦ କରୁନାହାନ୍ତି।

ଜିଲାର ଧର୍ମଶାଳା ତହସିଲ ଅଞ୍ଚଳ ମୂଲ୍ୟବାନ କଳାପଥର ଖାଦାନର ଗନ୍ତାଘର ଭାବେ ପରିଚିତ। ଆରୁହା ପାହାଡରୁ ଦୈନିକ ପ୍ରାୟ ୧୦ ହଜାର ଟନ କଳାପଥର ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏହି କାରବାରରେ ଶଶିକାନ୍ତ, ରତିକାନ୍ତ, କୁଲୁ, ଧିନିଆ ପ୍ରମୁଖ ଉଚ୍ଚ କ୍ଷମତାସମ୍ପନ୍ନ ଯନ୍ତ୍ରପାତି ବ୍ୟବହାର କରି ରାତିଦିନ କଳାପଥର ଉତ୍ତୋଳନ କରୁଛନ୍ତି। ଏଥିରେ ଟୁଟେନ ଓ ଟୁଟେନ ବେକ୍ରର ମେଶିନ ୪ଟି ଲେଖାଏ ଏବଂ ୪୦ରୁ ଊର୍ଦ୍ଧ୍ୱ ହାଇୱା ଗାଡି ନିୟୋଜିତ ହୋଇଛି। ମୁରାରିପୁର ହାଇସ୍କୁଲ ନିକଟ ପଡ଼ିଆରେ କଳାପଥର ଗଦା କରାଯାଇଛି। ସେଠାରେ ମେଟାଲ ତିଆରି କରି ବାହାରକୁ ଚାଲାଣ ହେଉଛି। ଏହାବାଦ୍ ଆରୁହା ପାହାଡ଼ ଚାରିପଟେ ଏକାଧିକ ଷ୍ଟୋନ କ୍ରଶର ଗଢ଼ିଉଠି କଳାପଥର କାରବାର କରୁଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଡଙ୍କାରୀ, ରାହାଡ଼ପୁର, ଲୁଣିବର, ବିଛାଖଣ୍ଡି, ଅଞ୍ଜିରା ପ୍ରଭୃତି ପାହାଡ଼ରୁ ଅନୁରୂପ ଭାବେ କଳାପଥର ଲୁଟ୍ ଜାରି ରହିଛି। ଯଦି ଏହି ବେଆଇନ କଳାପଥର ଉତ୍ତୋଳନର ନିରପେକ୍ଷ ଓ ଉପଯୁକ୍ତ ଭାବେ ସାଟେଲାଇଟ୍ ମାପଚୁପ କରାଯାଏ ତେବେ ଏହି ବର୍ଷକ ମଧ୍ୟରେ ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କଳାପଥର ଲୁଟ୍ ହୋଇଥିବାର ପ୍ରମାଣ ମିଳିବା ନିଶ୍ଚିତ ବୋଲି ମତପ୍ରକାଶ ପାଇଛି। ଏଥିରୁ ଆୟ ହେଉଥିବା ଟଙ୍କା ଆଗାମୀ ସାଧାରଣ ନିର୍ବାଚନରେ ଖର୍ଚ୍ଚ କରିବାକୁ ମସୁଧା ରହିଛି। ତେଣୁ ଜିଲା ଲଘୁ ଖଣି ବିଭାଗୀୟ ଅଧିକାରୀମାନେ ସବୁ ଜାଣିଥିଲେ ସୁଦ୍ଧା ନ ଜାଣିଲା ଭଳି ଅଭିନୟ କରୁଥିବା ଚର୍ଚ୍ଚା ହେଉଛି।

## ମୋରମ, ମାଙ୍କଡ଼ା ପଥର ଲୁଟ୍ ଅଣାୟତ୍ତ

କଳିଙ୍ଗନଗର ଭିସିଆଇ କେମିକାଲ୍ସ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ କମ୍ପାନୀକୁ ଶିଳ୍ପ ପ୍ରତିଷ୍ଠା କରିବାକୁ ମିଳିଥିବା ୧୫ ଏକର ସରକାରୀ ଜମି ଏବେ ମୋରମ ଲୁଟ୍‌ର ଭୂସ୍ୱର୍ଗ ପାଲଟିଛି। ଏହି ବେଆଇନ ମୋରମ ଯଖପୁରାଠାରୁ ବାଂଶପାଣି ରେଳପଥ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଏଯାଏ ପ୍ରାୟ ୨୦ କୋଟି ଟଙ୍କାର ମୋରମ ଚାଲାଣ ହୋଇଥିବା ଆକଳନ କରାଯାଉଛି। ଉକ୍ତ ମୋରମ ଅର୍ଥ ମଧ ସ୍ଥାନୀୟ କେତେଜଣ ନେତାଙ୍କ ନିର୍ବାଚନୀ ଖର୍ଚ୍ଚ ହେବ ବୋଲି ଆଲୋଚନା ହେଉଛି। ଏନେଇ ଅଭିଯୋଗ ହେବା ପରେ ଲଘୁ ଖଣି ବିଭାଗ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନରେ ଯାଇ ଫେରି ଆସି ହାତବାନ୍ଧି ବସିଛନ୍ତି। ରାତିରେ ଏହି ମୋରମ ଚୋରାଚାଲାଣ ହେଉଥିବାରୁ କୌଣସି ପଦକ୍ଷେପ ନେଇପାରୁ ନ ଥିବା ଖଣି ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ମିଳୁଛି। ସେହିପରି ବ୍ୟାସନଗର ତହସିଲ ତଥା କଟକ ବନଖଣ୍ଡ ଯାଜପୁର ରୋଡ୍ ରେଞ୍ଜ ପଛିକୋଟ ଡିପିଏଫ (ଡିମାର୍କେଟ ପ୍ରୋଟେକ୍ଟ ଫରେଷ୍ଟ ) ଅଧୀନ କୋରାବନ୍ଦୀ ଶାଳ ଜଙ୍ଗଲରୁ ମୋରମ୍ ଲୁଟ୍ ଚାଲିଛି। ଏହାସହ କୋରେଇ ବ୍ଲକ ଅନ୍ତର୍ଗତ କିଆପଦା ଓ ଅନ୍ଧାରୀ ପଞ୍ଚାୟତ ମଧ୍ୟରେ ନିର୍ମାଣାଧୀନ ରେଙ୍ଗାଲି ବହୁମୁଖୀ କେନାଲ ନିକଟରୁ ମୋରମ୍ ଲୁଟ୍ ହେଉଥିବା ଦେଖିବାକୁ ମିଳିଛି।

ମାଙ୍କଡ଼ା ପଥର ଚାଲାଣ ଶାସକ ଓ ବିରୋଧୀ ଦଳର ନେତା ମିଶି ଚଳାଉଥିବା ଅଭିଯୋଗ ହୋଇଆସୁଛି। ଦର୍ପଣ ତହସିଲ ବୈରୀ ଥାନା ଅଧୀନ ଅମିୟ ଝରି ଓ ବୈରୀ ମୌଜାର ଭାଲୁଖାଇଠାରେ ଦୈନିକ ଟ୍ରକ୍ ଯୋଗେ ୫୦ ଟ୍ରିପ୍‌ରୁ ଊର୍ଦ୍ଧ୍ୱ ମାଙ୍କଡା ପଥର ଖନନ କରାଯାଇ ବାହାରକୁ ଚାଲାଣ କରାଯାଉଛି। ଉକ୍ତ ମାଙ୍କଡ଼ା ବୋଝେଇ ଟ୍ରକଗୁଡ଼ିକ ବୈରୀ ଥାନା ଆଗ ରାସ୍ତା ଦେଇ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ଦୈନିକ ୧୮ ମେଶିନ ସାହାଯ୍ୟରେ ପଥର କଟାହେଉଛି। ୨ଟି ଜେସିବି ଦ୍ୱାରା ପ୍ଲଟ ସଫା କରାଯାଉଛି। ୪ଟି ଟ୍ରାକ୍ଟର ଦ୍ୱାରା ପ୍ଲଟ୍‌ରୁ ମୋରମ ସଫା ହେଉଛି ଓ ଖାଦାନରୁ ବାହାରୁ ଥିବା ଅଦରକାରୀ ଜିନିଷକୁ ହାଇୱା ଯୋଗେ ମଣିଆବାଟ ଦେଇ ନିର୍ମାଣ ହେଉଥିବା ତୃତୀୟ ରେଳ ଲାଇନ କାର୍ଯ୍ୟରେ ବିନିଯୋଗ କରାଯାଉଛି। ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ବିଭାଗର ଡିଡିଏମ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କୁହନ୍ତି, ନିୟମିତ ଭାବେ ବେଆଇନ ଖାଦାନଗୁଡ଼ିକରେ ଚଢାଉ କରାଯାଉଛି। ଏହାସହ ଆଇନ ଅନୁସାରେ ଜରିମାନା ଆଦାୟ ହେଉଛି।

# ଶିକ୍ଷୟିତ୍ରୀଙ୍କୁ ନିର୍ଯାତନା,ମାଡ଼ ଅଭିଯୋଗ

**ଧର୍ମଶାଳା, ୮ । ୪ (ବଟକୃଷ୍ଣ ପରିଡ଼ା ):**

ଧର୍ମଶାଳାଥାନାଅନ୍ତର୍ଗତମୁରାରୀପୁରସ୍ଥିତ ଗୋପାଳଜୀଉ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଥାନାରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ସ୍କୁଲର ଜଣେ ଶିକ୍ଷୟିତ୍ରୀ । ସୂଚନା ଅନୁଯାୟୀ, ଗୋପାଳଜୀଉ ହାଇସ୍କୁଲରେ ଦୀର୍ଘ ୨ ବର୍ଷ ହେଲା କେନ୍ଦୁଝର ଜିଲା ଆନନ୍ଦପୁରର ପ୍ରିୟଙ୍କା ରାଉତ ଶିକ୍ଷକତା କରୁଛନ୍ତି। ତେବେ ଗତ ଦେଢ଼ବର୍ଷ ହେଲା ସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସେଠୀ ତାଙ୍କୁ ଦୁର୍ବ୍ୟବହାର କରିବା ସହ ମାନସିକ ନିର୍ଯାତନା ଦେଉଛନ୍ତି। ଏପରିକି ଶିକ୍ଷୟିତ୍ରୀ ଜଣକ କାମ କରୁଥିବା ବେଳେ ପ୍ରଧାନ ଶିକ୍ଷକ ତାଙ୍କୁ ଖରାପ ଦୃଷ୍ଟିରେ ଅନାଉଥିବା ବେଳେ ସ୍ଥାନୀୟ ଲୋକମାନଙ୍କ ନିକଟରେ ତାଙ୍କର ଚରିତ୍ର ସଂହାର କରୁଥିବା ନେଇ ସେ ଅଭିଯୋଗ କରିଛନ୍ତି । ଗତ କିଛି ଦିନ ତଳେ ପ୍ରଧାନ ଶିକ୍ଷକଙ୍କ ପ୍ରରୋଚନାରେ ସ୍ଥାନୀୟ ଅଞ୍ଚଳର କାଳିଆ ବେହେରା ତାଙ୍କୁ ସ୍କୁଲ ପରିସରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏନେଇ ଶିକ୍ଷୟିତ୍ରୀ ଜଣକ ଧର୍ମଶାଳା ଥାନାରେ ରବିବାର ଲିଖିତ ଅଭିଯୋଗ କରିବା ପରେ ପୋଲିସ କାଳିଆଙ୍କ ବିରୋଧରେ ଏକ ମାମଲା(ନଂ. ୨୫୯/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଅନ୍ୟପକ୍ଷେ ଏଭଳି ଅଭିଯୋଗକୁ ପ୍ରଧାନ ଶିକ୍ଷକ ସେଠୀ ଖଣ୍ଡନ କରିବା ସହ ଶିକ୍ଷୟିତ୍ରୀ ଜଣକ କୌଣସି କଥାକୁ ନ ମାନି ନିଜ ମନମାନିରେ କାମ କରୁଛନ୍ତି । ଏନେଇ ସେ ଜିଲା ଶିକ୍ଷା ଅଧିକାରୀଙ୍କଙ୍କ ଅବଗତ କରିଥିଲେ । ଏନେଇ ଜିଲା ଶିକ୍ଷାଧିକାରୀ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ । ମାତ୍ର ଶିକ୍ଷୟିତ୍ରୀ ଜଣକ ନୋଟିସ ଗ୍ରହଣ ନ କରିବା ସହ ଏଥିରେ ଖପା ହୋଇ ଶିକ୍ଷୟିତ୍ରୀ ଜଣକ ମିଛ କେଶରେ ତାଙ୍କୁ ଫସାଇବା ପାଇଁ ଉଦ୍ୟମ କରିଛନ୍ତି ବୋଲି ପ୍ରଧାନ ଶିକ୍ଷକ ସେଠୀ କହିଛନ୍ତି ।

# ଜନ୍ମମାଟିରୁ ନିର୍ବାଚନ ପ୍ରଚାର ଆରମ୍ଭ କଲେ ସୁଜାତା



ନିର୍ବାଚନୀ ସଭାରେ ସୁଜାତା ସାହୁ ଓ ଅନ୍ୟମାନେ ।

**ଯାଜପୁରସଦର,୮।୪(ସମରବିଜୟଶରଣ)**

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ଯାଜପୁର ବିଧାନସଭା କ୍ଷେତ୍ରରେ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ଦଶରଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ତଥା ଜିଲା ମିଶନ ଶକ୍ତିର ସଭାନେତ୍ରୀ ସୁଜାତା ସାହୁଙ୍କୁ ଟିକେଟ୍ ମିଳିଛି । ଏହାକୁ ନେଇ ସୁଜାତାଙ୍କ ଜନ୍ମମାଟି ଯାଜପୁର ବ୍ଲକ ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତରେ ଖୁସିର ଲହରୀ ଖେଳିଯାଇଛି। ରବିବାର ୭ ଅପରାହ୍ନରେ ଗାଁର ଝିଅ ସୁଜାତାଙ୍କୁ ବିରାଟ ଶୋଭାଯାତ୍ରାରେ ଗ୍ରାମବାସୀ ପାଛୋଟି ନେଇଥିଲେ। ଏହି ଅବସରରେ ଯାଜପୁର ବ୍ଲକ ବିଜୁ ଜନତା ଦଳର ସଭାପତି ପରେଶ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି ଭବ ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଗାମୀ ନିର୍ବାଚନରେ ଏହି ଗାଁର ଝିଅ ସୁଜାତାଙ୍କ ପ୍ରାର୍ଥୀତ୍ୱକୁ ଦୃଢ଼ ସମର୍ଥନ ଜଣାଇବା ସହ ଏହି ପଞ୍ଚାୟତର ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ସୁଜାତାଙ୍କୁ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଓ ବିଧାୟକ ବବି ଭାଇଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଥିଲେ।

ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲା ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ସବିତା ରାଉତ ଯୋଗଦେଇ ମହିଳାମାନଙ୍କୁ ସଶକ୍ତ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବାର ଯେଉଁ ସ୍ୱପ୍ନ ନେଇ ମୁଖ୍ୟମନ୍ତ୍ରୀ ଯାଜପୁର ନିର୍ବାଚନ ମଣ୍ଡଳୀରେ ଜଣେ ଦକ୍ଷ ମହିଳାଙ୍କୁ ପ୍ରାର୍ଥୀ କରିଥିବାରୁ ଧନ୍ୟବାଦ ଜଣାଇ ଥିଲେ। ଯୁବ ନେତା ଅଜୟ କୁମାର ମହାନ୍ତି ଓ ପ୍ରକାଶ ତ୍ରିପାଠୀ ସୁଜାତାଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ । ପ୍ରାର୍ଥୀନୀ ସୁଜାତା ନିଜ ଜନ୍ମମାଟିରେ ଭାବବିହ୍ୱଳ ହୋଇ ଉପସ୍ଥିତ ଗାଁର ସମସ୍ତ ମୁରବୀଙ୍କୁ ଆଶୀର୍ବାଦ ଭିକ୍ଷା କରିବା ସହ ଆଗାମୀ ଦିନରେ ଯାଜପୁରର ସେବା କରିବାର ସୁଯୋଗ ଦେବା ପାଇଁ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା,ଭୁବନେଶ୍ୱରପୁର ପଞ୍ଚାୟତର ମୁରବୀ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ଜଗବନ୍ଧୁ ପଣ୍ଡା, ସୂର୍ଯ୍ୟ ନାରାୟଣ ରାୟ,ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ସୌମ୍ୟରଞ୍ଜନ ଧଳ,ସ୍ଥାନୀୟ ସରପଞ୍ଚ ମନଦ୍ୱୀପା ରାୟ,ସମିତି ସଭ୍ୟା ଜୟପ୍ରଦା ଦାଶ,ସରସ୍ୱତୀ ବଳଙ୍କ ସମେତ ଶତାଧିକବିଜେଡିସମର୍ଥକଉପସ୍ଥିତଥିଲେ।

# ଅବିଭକ୍ତ ବ୍ରହ୍ମବରଦାରେ ଇଫତାର ପାର୍ଟି

**ବ୍ରହ୍ମବରଦା,୮।୪(ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ ଅଧୀନ ଅବିଭକ୍ତ ବ୍ରହ୍ମବରଦା ଗ୍ରାମରେ ମହାପୁରୁଷ ମହମ୍ମଦଙ୍କ ଜନ୍ମଦିନ ଅବସର ଏବଂ ଇଦ୍ ଉପଲକ୍ଷେ ପବିତ୍ର ରମଜାନ ମାସର ଶେଷ ସପ୍ତାହରେ ମୁସଲମାନ ସମ୍ପ୍ରଦାୟ ଲୋକମାନେ ଭାଇଚାର ପ୍ରତିଷ୍ଠା ପାଇଁ ବିଭିନ୍ନ ସ୍ଥାନରେ ଇଫତାର ପାର୍ଟିର ଆୟୋଜନ କରିଥାଆନ୍ତି। ଏହି ଅବସରରେ ମହେଶ୍ୱରପୁର ଗ୍ରାମ ହାଡ଼ିସାହିରେ ସୋମବାର ସନ୍ଧ୍ୟାରେ ଶେଖ ତାରୋଙ୍କ ନେତୃତ୍ୱରେ ଏକ ଇଫତାର ପାର୍ଟି ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବରୀ ନିର୍ବାଚନ ମଣ୍ଡଳୀର ଯୁବ ନେତା ସଞ୍ଜୀବ କୁମାର ଜେନା ଯୋଗଦେଇ ଉପବାସ ରଖିଥିବା ମୁସଲମାନ ଭାଇମାନଙ୍କୁ ଶୁଖିଲା ଖାଦ୍ୟ ଖୁଆଇ ଆଜିର ରୋଜା ଶେଷ କରାଇଥିଲେ । ଆମେ ସମସ୍ତେ ଭଗବାନଙ୍କ ସନ୍ତାନ, ତେଣୁ ମନରେ କିଛି ଦ୍ୱନ୍ଦ୍ୱ ନ ରଖି ଭାଇଚାରା ପ୍ରତିଷ୍ଠା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସାମାଜିକ କର୍ମୀ ସେକ ସାବି ଅଲ୍ଲୀ ପ୍ରଥମେ ଆଲ୍ଲାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରି ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ । ଇଫତାର ପାର୍ଟିରେ ସାଲ୍ଲାଦ୍ଦିନ, ସେକ ଅବ୍ଦୁଲ ମାସଜିଦ, ଅବ୍ଦୁଲ ଟିପା ବାବୁ, ଜୁହୁର ମହମ୍ମଦ, ଜାହିର ବକ୍ସଙ୍କ ସହିତ ଗ୍ରାମର ସମସ୍ତ ଗୁରୁଜନ ମିଳିତ ହୋଇଥିଲେ ।



ଇଫ୍‌ତାର ପାର୍ଟିରେ ମୁସଲମାନ ଭାଇମାନଙ୍କୁ ମିଠା ଖୁଆଯାଉଛି ।

# ସିଂହପୁରରେ ଭାଜପାର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ ।

**ସିଂହପୁର,୮।୪(ଅନଙ୍ଗଉଦୟବେଉରିଆ)**

ବିଂଝାରପୁର ବ୍ଲକ ଅଧୀନ ସିଂହପୁର ଠାରେ ସୋମବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ଭାଜପା ବିଧାୟିକା ପ୍ରାର୍ଥୀ ବବିତା ମଲିକଙ୍କ ଉପସ୍ଥିତରେ ଆଉରି ପଞ୍ଚାୟତର ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ବିଜ୍ଞାନ ମଲିକ, ବାବାଜୀ ମଲିକ, ସଞ୍ଜୟ ମଲିକ, ମନ୍ଦର ମଲିକ, କେଦାରନାଥ ମଲିକ, ପର୍ଶୁରାମ ମଲିକ, ଇନ୍ଦ୍ରମଣି ମଲିକ ପ୍ରମୁଖ ବିଜେଡି ଛାଡି ଭଜପାରେ ଯୋଗ ଦେଇଥିଲେ । ଭାଜପା ନେତ୍ରୀ ମଲିକ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ଜୋନ୍ ସଭାପତି ମଦନ ମୋହନ ଜେନା, ସଂଯୋଜକ ନିରଞ୍ଜନ ବେଉରିଆ, ପୁରୁଷୋତ୍ତମ ବେହେରା, ଭୁବନା ନନ୍ଦ ସାମଲ, ଗୋପାଳ ପ୍ରଧାନ, ପ୍ରଫୁଲ୍ଲ ନାୟକ, ଯୁଧିଷ୍ଠିର ବେହେରା, ସଦାନନ୍ଦ ଦାସ, ନରେନ୍ଦ୍ର ଥାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଓମ୍‌ସା ପକ୍ଷରୁ ରକ୍ତଦାନ ଶିବିର

**ଯାଜପୁର ସଦର,୮।୪(ସମର ବିଜୟ ଶରଣ )**

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ନୂତନ ଗୃହରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଓଡ଼ିଶା ସ୍ୱାସ୍ଥ୍ୟ ସେବା ସଂଘ (ଓମ୍‌ସା)ଯାଜପୁର ଶାଖା ପକ୍ଷରୁ ଏକ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାଶିଷ ମହାରଣା ଉଦ୍‌ଘାଟନ କରିଥିଲେ। ଥାଲାସେମିଆ ତଥା ପ୍ରସୂତି ଓ ଜରୁରୀ କାଳୀନ ରୋଗୀଙ୍କ ପାଇଁ ରକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଶିବିର ଆୟୋଜନ କରାଯାଇଥିଲା ବୋଲି ଓମ୍‌ସା ଯାଜପୁର ଶାଖାର ସମ୍ପାଦକ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ମନୋଜ କୁମାର ସେନାପତି ପ୍ରକାଶ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ବହୁ ବରିଷ୍ଠ ଡାକ୍ତର,ଷ୍ଟାଫ ନର୍ସ, ଏଏନ୍‌ଏମ୍,ଫାର୍ମାସିଷ୍ଟ ତଥା ଅନ୍ୟ କର୍ମଚାରୀ ରକ୍ତଦାନ କରିଥିଲେ। ଓଡ଼ିଶା ରକ୍ତ ସେଣ୍ଟର୍‌ର ଡାକ୍ତର ପ୍ରଶାନ୍ତ କୁମାର ବିଶ୍ୱାଳ,ପାର୍ଥ ସାରଥୀ ପୁହାଣ, ଶିବ ସାହୁ, ଦେବବ୍ରତ ବେହେରା, ହୃଷୀକେଶ ଜେନା, ତରୁଣ ନାୟକ, ଅଜୟ ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ। ଏହି ଶିବିରରୁ ମୋଟ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।



ରକ୍ତଦାନ କରୁଥିବା ଓମ୍‌ସା କର୍ମକର୍ତ୍ତା ।

# ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ଉପରେ ଗୁରୁତ୍ୱ



ଜିଲାପାଳଙ୍କ ଉପସ୍ଥିତିରେ ପ୍ରଶାସନିକ ଅଧିକାରୀମାନଙ୍କୁ ଇଭିଏମ୍‌ର କାର୍ଯ୍ୟଶୈଳୀ ପ୍ରଦର୍ଶନ କରାଯାଉଛି ।

**ଯାଜପୁର ଟାଉନ,୮।୪ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :**

ଯାଜପୁର ଜିଲାରେ ଅନୁଷ୍ଠିତ ହେବାକୁ ଯାଉଥିବା ଲୋକସଭା ଓ ବିଧାନସଭା ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ନିଖିଲ ପୱନ କଲ୍ୟାଣ ଗୁରୁତ୍ୱାରୋପ କରିଛନ୍ତି । ଯାଜପୁର ଲୋକସଭା ଆସନ ଅଧୀନ ବିଂଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରାଇ ଏବଂ ସୁକିନ୍ଦା ବିଧାନସଭା ନିର୍ବଚନ ମଣ୍ଡଳୀରେ ମତଦାନ ଜୁନ୍ ୧ରେ ଅନୁଷ୍ଠିତ ହେବ । ଯାଜପୁର ଲୋକସଭା ଆସନ ପାଇଁ ଜିଲାପାଳ ନିଖିଲ ପୱନ କଲ୍ୟାଣ ରିଟର୍ଣ୍ଣିଂ ଅଫିସର ଭାବେ କାର୍ଯ୍ୟ କରିବେ । ବିଂଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ବରୀ ପାଇଁ ଅତିରିକ୍ତ ଉପ-ଜିଲାପାଳ ନିରୁପମା ଜାଲି, ବଡ଼ଚଣା ଓ ଧର୍ମଶାଳା ପାଇଁ ଯାଜପୁର ଅତିରିକ୍ତ ଜିଲାପାଳ(ପ୍ରଶାସନ)ନବକ୍ରିଷ୍ଣ ଜେନା, କୋରାଇ ପାଇଁ ଉପ-ଜିଲାପାଳ ଅଂଶୁମାନ ଶତପଥୀ ଏବଂ ସୁକିନ୍ଦା ପାଇଁ ଅତିରିକ୍ତ ଜିଲାପାଳ (କଳିଙ୍ଗ ନଗର) ଲକ୍ଷ୍ମେଶ୍ୱର ଅମାତ ରିଟର୍ଣ୍ଣିଂ ଅଫିସର ଭାବେ କାର୍ଯ୍ୟ କରିବେ ।

ସୋମବାର ଅପରାହ୍ନରେ ଜିଲାପାଳ କଲ୍ୟାଣଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୭ ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର, ସହକାରୀ ରିଟର୍ଣ୍ଣିଂ ଅଫିସର ଏବଂ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଜିଲା କୋଷାଗାର ସନ୍ନିକଟ ଓ୍ୱାର ହାଉସ୍‌ଠାରେ ଇଭିଏମ୍‌ଗୁଡ଼ିକର ରାଣ୍ଡୋମାଇଜେଶନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ଆଦର୍ଶ ଆଚରଣ ବିଧି ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟର ନିର୍ବାଚନ ପରିଚାଳନା ପ୍ରକ୍ରିୟା ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶାନ୍ତି ଶୃଙ୍ଖଳାର ସହ ଯେପରି ସମାପନ ହେବ ସେଥିପ୍ରତି ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ରିଟର୍ଣ୍ଣିଂ ଅଫିସର, ସହକାରୀ ରିଟର୍ଣ୍ଣିଂ ଅଫିସର ଯତ୍ନବାନ ହେବାକୁ ଜିଲା ନିର୍ବାଚନ ଅଧିକାରୀ କଲ୍ୟାଣ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ନିର୍ବାଚନ ପରିଚାଳନାରେ ସମସ୍ତ ରାଜନୈତିକ ଦଳ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪, ତାରିଖ ୦୮।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁରଙ୍କ ଦ୍ୱାରା **ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪-୧** ଆହ୍ୱାନ କରାଯାଉଛି, ଯାହା **ତା୨୯।୦୪।୨୦୨୪ରିଖ ୧୫.୦୦ ଘଟିକା**ରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ା ପାସେଞ୍ଜର ୟାର୍ଡଠାରେ ଟ୍ରାଫିକ୍ ସୁବିଧାର ଉନ୍ନତୀକରଣ ପାଇଁ ଇଆଇର ପୁନଃ-ଡିଜାଇନିଂ ଲାଗି ସଂଶୋଧନ/ପରିବର୍ତ୍ତନ। **ଟେଣ୍ଡର ମୂଲ୍ୟ:** ₹୧,୦୫,୨୧,୫୫୭.୭୦। **ଅମାନତ ରାଶି:** ₹୨,୦୨,୬୦୦/- । **ସମାପ୍ତି ଅବଧି:** ୦୬ (ଛଅ) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। **(PR-16)**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୮୭ ତା:୦୪।୦୪।୨୦୨୪

**ବିଜ୍ଞାପନ**

No. CAD-39: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ସି.ଆର୍-୩୦୩, ଛେଣ୍ଡ କଲୋନୀ, ଫେଜ୍-୧, ରାଉରକେଲା, ଛେଣ୍ଡ ଗୃହ ନିର୍ମାଣ ପ୍ରକଳ୍ପରେ, ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ, ପିତା: ୰ଅଭିମନ୍ୟୁ ପାଣିଗ୍ରାହୀ, ସ୍ଥାନ: ପ୍ଲଟ ନଂ. ଏଫ୍-୩୩୫, ସେକ୍ଟର-୭, ସି.ଡି.ଏ., ପୋଷ୍ଟ: ମର୍କତ ନଗର, ଥାନା: ବିଡ଼ାନାସୀ (କଟକ ସଦର), ଜିଲ୍ଲା: କଟକ (ଓଡ଼ିଶା), ପିନ୍: ୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ ଉକ୍ତ ଗୃହଟିକୁ ବିକ୍ରି ଆଧାରରେ ଶ୍ରୀ ମନୋଜ କୁମାର ବେହେରା, ପିତା: ଶ୍ରୀ ମାନଗୋବିନ୍ଦ ବେହେରା, ସ୍ଥାନ: ଗୋଳିହା, ପୋଷ୍ଟ: ଡେଙ୍ଗୁରା, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0033/2425

# ୩ ବର୍ଷ ପରେ ବି କାର୍ଯ୍ୟକ୍ଷମ ହେଲାନି ମଡେଲ ମଶାଣି

ଜଗତ୍‌ସିଂହପୁର, ୮।୪ (ପ୍ରମୋଦ କୁମାର ନାୟକ)

**ଜଗତ୍‌ସିଂହପୁର ପୌରାଞ୍ଚଳ**

- ଗାଧୁଆ, ବଦଳାବଦଳି ଓ ସାଧାରଣ ବ୍ୟବହାର ଗୃହ ବ୍ୟବସ୍ଥା
- ଶୌଚାଳୟ ଓ ପାଦଚଲା ରାସ୍ତା ହେବ
- ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ



ମଡେଲ ମଶାଣି।

ଜଗତ୍‌ସିଂହପୁର ପୌରାଞ୍ଚଳରେ ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅନେକ ସମୟରେ କୌଣସି ନା କୌଣସି ୱାର୍ଡରେ ଲୋକଙ୍କ ମୃତ୍ୟୁ ହେଉଛି। କିନ୍ତୁ ଶବଦାହ ପାଇଁ ଅନେକ ସମୟରେ ଅସୁବିଧା ହେଉଛି। ବିଶେଷକରି ବର୍ଷାଦିନେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ଦୂର ପାଇଁ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସହରର ୧୦ ନଂ. କେନାଲ ଆରପଟେ ଏକ ମଡେଲ ମଶାଣି ନିର୍ମାଣ କରିବାକୁ ୨୦୨୧ରେ ନିଷ୍ପତ୍ତି ହୋଇଥିଲା। ଏନେଇ ପାଖାପାଖି ୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। କାମ ମଧ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ମଶାଣିଟି ଏପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇପାରି ନାହିଁ। ଫଳରେ ଏହା ଉଦ୍‌ଘାଟନ ହୋଇପାରୁନାହିଁ। ମଶାଣି ଆରମ୍ଭରେ ଲୋକଙ୍କ ଭିତରେ ଯେଉଁ ଖୁସି ଅନୁଭବ ହେଉଥିଲା ବିଳମ୍ବ କାରଣରୁ ତାହା ମଉଳିବାରେ ଲାଗିଲାଣି।

ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଥିଲେ, ମଶାଣିଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ସହରରେ ଶବଦାହଜନିତ ସମସ୍ୟା ଦୂର ହୋଇଯିବ। ଏଠାରେ ସାଧାରଣ ବ୍ୟବହାର ଯଥା ଗାଧୁଆ ଘର, ବସ୍ତ୍ର ବଦଳାବଦଳି ଗୃହ, ଅପେକ୍ଷା ଗୃହ, ଶୌଚାଳୟ, ପାଦଚଲା ରାସ୍ତା ଆଦି ରହିବ। କେବଳ ଏତିକି ନୁହେଁ କେୟାର ଟେକର୍ ଗୃହ, ଲକ୍କର, ପୂଜା ସାମଗ୍ରୀ, କାଠ ଆଦି ରଖାଯିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ବିଶେଷକରି ଏହି ପରିସର ଯେପରି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ହୋଇପାରିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି କୁହାଯାଉଛି। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମଡେଲ ମଶାଣିଟି କଲେଜ ଛକ ପୋଲ ଆରପଟ (କଲଭର୍ଟ ନିକଟ) ପାଖାପାଖି ୧୦୦ ମିଟର କେନାଲ ବାମ ପାର୍ଶ୍ୱ ୧ ଏକର ଜମିରେ ନିର୍ମାଣ ଆପାତତଃ ସରିଛି। ଏହି ଜମି ଉଚ୍ଚ ନୀଚ ରହିଛି, ଗୋଟିଏ ପଟେ କେନାଲ ବନ୍ଧ ଓ ବିପରୀତ ଦିଗରେ ମୃତ ଅଳକା ନଦୀ ରହିଛି। ତେଣୁ ମାଟି ନ ଖସିବା ପାଇଁ ରିଟେନିଂ ୱାଲ୍ କରାଯିବା ଲକ୍ଷ୍ୟ ରଖାଯାଇଥିଲା। ଏ ବାବଦରେ ୯,୦୯,୧୨୪ ଟଙ୍କା ଖର୍ଚ୍ଚ ଆକଳନ ହୋଇଥିଲା। ଜମି ଚାରିପଟେ ପାଚେରି (କମ୍ପାଉଣ୍ଡ ୱାଲ୍) ନିର୍ମାଣ ପାଇଁ ୧୧,୫୯,୦୯୬ ଟଙ୍କା ଖର୍ଚ୍ଚ ବ୍ୟବସ୍ଥା ହୋଇଥିଲା। ତା'ପରେ ଏହି ପରିସରରେ ମଶାଣି ଗୃହ (ଶବଦାହ) ନିର୍ମାଣ ପାଇଁ ୧୨,୯୦,୪୨୩ ଟଙ୍କା ଖର୍ଚ୍ଚ ବରାଦ କରାଯାଇଥିଲା। ସାଧାରଣ ବ୍ୟବହାର ଉଦ୍ଦେଶ୍ୟରେ ହେବାକୁ ଥିବା ଗୃହରେ ୨୦,୯୧,୩୨୫, ଗାଧୁଆ ଓ ବଦଳାବଦଳି (ମହିଳା ଓ ପୁରୁଷ) ଗୃହ ବାବଦରେ ୨,୩୧,୫୭୭ ଟଙ୍କା ଖର୍ଚ୍ଚ ବ୍ୟବସ୍ଥା ହୋଇଥିଲା। ଏହା ଭିତରେ ସଂଯୋଗୀକରଣ ରାସ୍ତା (ଆପ୍ରୋଚ୍ ରୋଡ୍) ଓ ପାଦଚଲା ରାସ୍ତା ମଧ୍ୟ ହୋଇ ସାରିଲାଣି; ଯେଉଁ ବାବଦରେ ୫,୮୫,୪୧୫ ଟଙ୍କା ଖର୍ଚ୍ଚ କରାଯିବା ଲକ୍ଷ୍ୟ ରଖାଯାଇଥିଲା। ମଶାଣି ପରିସରକୁ ପ୍ରାକୃତିକ ବୈଶିଷ୍ଟ୍ୟ ପରିପୂର୍ଣ୍ଣ ସୁନ୍ଦର ଓ ମନୋରମ (ଲାଣ୍ଡସ୍କେପିଂ) କରିବା ପାଇଁ ୧୦,୮୧,୫୬୦ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏସବୁ ବାବଦରେ ମୋଟ ୮୧,୨୪,୪୯୮ ଟଙ୍କା ଖର୍ଚ୍ଚ ବରାଦ ହୋଇଥିଲା। ଏହାବାଦ୍ ମଶାଣି ଭିତର ଓ ବାହାରେ ବିଦ୍ୟୁତୀକରଣ ବାବଦରେ ୧,୯୧,୦୭୨ ଟଙ୍କା ଖର୍ଚ୍ଚ ହେବ। ଅନୁରୂପ ଭାବେ ପାଣି ଓ ସାନିଟାରୀ ଆଦି କାମ ପାଇଁ ମଶାଣି ଭିତରେ ୧,୬୨,୨୯୬ ଓ ବାହାରେ ୩,୭୦,୯୩୯ ଏହିପରି ମୋଟ ୫,୩୩,୨୩୫ ଟଙ୍କା ଖର୍ଚ୍ଚ କରାଯିବା ଅଟକଳ କରାଯାଇଛି। ମୋଟାମୋଟି ଭାବରେ ମଡେଲ ମଶାଣି ନିର୍ମାଣରେ ୯୯,୯୯,୦୦୦ଟଙ୍କା ଖର୍ଚ୍ଚ କରାଯିବା ସ୍ଥିର ହୋଇଛି। କାମ ଆପାତତଃ ସରିଲାଣି। ଆଉ କମ୍ ଦିନ ଭିତରେ ମଶାଣି କାର୍ଯ୍ୟକ୍ଷମ ହେବ ବୋଲି ପରିଷଦ କନିଷ୍ଠ ଯନ୍ତ୍ରୀ ବିଭୂତି ତ୍ରିପାଠୀ ପ୍ରତିକ୍ରିୟାରେ କହିଛନ୍ତି ।

## ଟ୍ରକ୍ ଚାପାରେ ବାଇକ୍ ଚାଳକ ମୃତ, ଆରୋହୀ ଗୁରୁତର

ପାରାଦୀପ,୮।୪(ଶରତ ରାଉତ)

ପାରାଦୀପରେ ସୋମବାର ପୁଣି ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଜଳାଶୟ ପାଖରେ ଏହି ଦୁର୍ଘଟଣା ହୋଇଛି। ମୃତକ ହେଲେ ରଞ୍ଜିତ ପ୍ରଧାନ। ଆହତ ହେଲେ ସନ୍ତୋଷ ବାରିକ। ଏହି ଦୁଇଜଣ ବାଇକ ଯୋଗେ ପାରାଦୀପ ଅଭିମୁଖେ ଯାଉଥିଲାବେଳେ ସେହି ରାସ୍ତାରେ ଏକ ଟ୍ରକ୍ ପଛପଟୁ ଆସି ସେମାନଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ରଞ୍ଜିତଙ୍କ ପେଟଠାରୁ ମୁଣ୍ଡ ପର୍ଯ୍ୟନ୍ତ ଶରୀର ଅଲଗା ହୋଇଯାଇଥିଲା। ସନ୍ତୋଷ ବର୍ତ୍ତିଯାଇଥିଲେ ମଧ୍ୟ ତାଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଛି। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ପୋଲିସ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରିଛି। ଅପରପକ୍ଷେ ରଞ୍ଜିତଙ୍କ ମୃତଦେହ ଜବତ କରି ପୋଲିସ ସଂରକ୍ଷିତ ରଖିଛି। ରଞ୍ଜିତ ଏକ କାର ଚାଳକ ଭାବେ କାମ କରନ୍ତି। କୌଣସି ଏକ କାମପାଇଁ ସେ କାର ମାଲିକଙ୍କ ବାଇକ ନେଇ ଦୋଛକି ଯାଇଥିଲେ। ଫେରିବା ବେଳେ ଆହତ ହୋଇଥିବା ସନ୍ତୋଷ ଲିଫ୍ଟ ମାଗି ଅଠରବାଙ୍କି ଅଭିମୁଖେ ଆସୁଥିଲେ। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ନେଇ ବନ୍ଦରର ୨ ନମ୍ବର ଗେଟ ପର୍ଯ୍ୟନ୍ତ ପଳାଇ ଯାଇଥିଲା। ଗାଡିକୁ ପୋଲିସ ଜବତ କରିଛି। ଏହାପରେ ଚାଳକ ଫେରାର ହୋଇଯାଇଛନ୍ତି। ସେ ଧାଡ଼ି ଭାଙ୍ଗି ମଝି ରାସ୍ତାରେ ଶୀଘ୍ରଯିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ବୋଲି କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ୩ ଦିନ ମଧ୍ୟରେ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି।

## ପ୍ରତାପ ସଭାପତି, ପ୍ରଭାତ ସମ୍ପାଦକ

**ଏରସମା ବାର୍ ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ**

ଏରସମା,୮।୪(ଦୀପ୍ତି ଖଣ୍ଡୁଆଳ)



ପ୍ରତାପ ରାଉତ



ପ୍ରଭାତ ବହିରା

ଏରସମା ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ସୋମବାର ଶେଷ ହୋଇଛି। ଏଥିରେ ପ୍ରତାପ କୁମାର ରାଉତ ସଭାପତି, ପ୍ରଭାତ କୁମାର ବହିରା ସମ୍ପାଦକ, ବିନୋଦ କୁମାର ଦାସ ଉପସଭାପତି, ପ୍ରଶାନ୍ତ କୁମାର ଦାସ ଯୁଗ୍ମ ସମ୍ପାଦକ ଓ ଚନ୍ଦ୍ରଭାନୁ ମଲ୍ଲିକ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

### ସଂକ୍ଷେପରେ

## ଅଟୋ ଚାଳକଙ୍କ ଅସ୍ୱାଭାବିକ ମୃତ୍ୟୁ

ପାରାଦୀପ,୮।୪(ଶରତ ରାଉତ)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ପଡିଆ ସିନେମାହଲ ପାଖବସ୍ତିରେ ରହୁଥିବା ଜଣେ ଅଟୋରିକ୍ସା ଚାଳକଙ୍କ ସୋମବାର ଅପରାହ୍ଣରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଝାଡ଼ାବାନ୍ତି ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ବୋଲି ପରିବାର ଲୋକେ କହିଛନ୍ତି। ମୃତକ ହେଲେ ରାଜେଶ ମଲ୍ଲିକ (୩୮)। ଗତ ରବିବାର ରାତିରେ ତାଙ୍କ ଝାଡା ବାନ୍ତି ହୋଇଥିଲା। ପରିବାର ଲୋକେ ତାଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରାତିରେ ସାଲାଇନ ନେଇ ଔଷଧ ଖାଇବା ପରେ ସକାଳୁ ଟିକେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଅପରାହ୍ଣରେ ପୁଣି ବାନ୍ତି ହେବା ସହ ମୁଣ୍ଡ ବୁଲେଇବାରୁ ରାଜେଶଙ୍କୁ ପୁଣି ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



ପାରାଦୀପ ଅଠରବାଙ୍କି ବାଲିପ୍ଲଟ ମାଛଗଦିରେ ବିରଳ ସାମୁଦ୍ରିକ ପୋଟେଇ ମାଛ ବିକ୍ରି ପାଇଁ ରଖାଯାଇଛି।

## ଗୋରେଖନାଥ, ମା'ଶାରଳାଙ୍କୁ ଦର୍ଶନ କଲେ ନୂତନ ଜିଲାପାଳ

ରଘୁନାଥପୁର,୮।୪(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲାପାଳଭାବେ ଅନୁପମ ଶାହା ଦାୟିତ୍ୱ ଗ୍ରହଣକରିବା ପରେ ସୋମବାର କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଗୋରେଖନାଥ ଓ ଝଙ୍କଡ଼ସ୍ଥିତ ମା'ଶାରଳାଙ୍କୁ ଦର୍ଶନ କରିଛନ୍ତି। ପୂର୍ବାହ୍ନ ୯ଟା୩୦ ସମୟରେ ଜିଲାପାଳ ଶାହା ଗୋରେଖନାଥ ପୀଠରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟ ପୂଜକ ଦିଲୀପ କୁମାର ପଣ୍ଡା ପୂଜାର୍ଚ୍ଚନା କରିବା ପରେ ଜିଲାପାଳ ଶାହା ମନ୍ଦିର ଚତୁପାର୍ଶ୍ୱ ବୁଲିବା ସହ ଏହାର ପ୍ରାଚୀନ ଐତିହ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ପୀଠ ପରିସରରେ ଭୋଗ ଓ ଦୀପ ଦୋକାନ ଗୃହ କାର୍ଯ୍ୟର ତଦାରଖ କରିଥିଲେ। ଖୁବ୍‌ଶୀଘ୍ର ଏହାର ବିଦ୍ୟୁତ୍‌କରଣ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳ ଶାହା ଶାରଳା ମନ୍ଦିର ଅଭିମୁଖେ ଯାତ୍ରା କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଉଭୟ ମନ୍ଦିର ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ କାରାଦଣ୍ଡ

ବାଲେଶ୍ୱର,୮।୪(ମାନସ ବିଶ୍ୱାଳ)

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ସୋମବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ୭ବର୍ଷର ନାବାଳିକା ଘର ନିକଟସ୍ଥ ଅଜୟ ବେହେରା(୩୨)ଙ୍କ ଦୋକାନକୁ ଚକୋଲେଟ୍ ଓ ଚିପ୍‌ସ ଆଣିବାକୁ ଯାଇଥିଲେ। ଦୋକାନୀ ଜଣକ ନାବାଳିକାଙ୍କୁ ଏକୁଟିଆ ପାଇ ତାଙ୍କୁ ବଳାତ୍କାର କରିଥିଲେ।

## କାଡ଼ା ନାଳରୁ ମୃତ ହରିଣ ଠାବ



ରଘୁନାଥପୁର,୮।୪(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁରସ୍ଥିତ ମଇଁଷିଗୋଠ କାଡ଼ା ନାଳରୁ ସୋମବାର ଅପରାହ୍ଣରେ ବନବିଭାଗ କର୍ମଚାରୀମାନେ ଅକ୍ଷତ ଅବସ୍ଥାରେ ଏକ ମୃତ ହରିଣ ଠାବ କରିଛନ୍ତି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ରବିବାର ରାତିରେ ହୋଇଥିବା ବଜ୍ରପାତ କିମ୍ବା କାଡା ନାଳରେ ପଡ଼ି ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି ବୋଲି ବନବିଭାଗ ରେଞ୍ଜର ରବିନାରାୟଣ ମହାନ୍ତି କହିଛନ୍ତି। ମଙ୍ଗଳବାର ହରିଣର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ସତ୍ୟତା ଜଣାପଡ଼ିବ ବୋଲି ରେଞ୍ଜର ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ନିକଟସ୍ଥ ଧଳତଙ୍ଗଗଡ ଜଙ୍ଗଲର ଚତୁଃପାର୍ଶ୍ୱରେ ପ୍ରାଚୀର ନ ଥିବାରୁ ଖାଦ୍ୟ ଅନ୍ୱେଷଣରେ ହରିଣପଲ ସନ୍ଧ୍ୟା ପରେ ନିକଟସ୍ଥ ଗ୍ରାମର ଚାଷଜମିକୁ ଚରିବା ପାଇଁ ଚାଲି ଆସିଥାନ୍ତି। ଅନେକ ହରିଣ ଫେରି ନ ପାରି ବୁଲା କୁକୁର ଆକ୍ରମଣର ଶିକାର ହୋଇ ମୃତ୍ୟୁମୁଖରେ ପଡ଼ିଥାନ୍ତି। ତେବେ ମୃତ ହରିଣ ଠାବ ହୋଇଥିବା ସ୍ଥାନଟି ଗ୍ରାମଠାରୁ ଅନେକ ଦୂର ହୋଇଥିବାରୁ ତା'ର କେଉଁ ସମୟରେ ମୃତ୍ୟୁ ହୋଇଛି ତାହା ଜଣାପଡ଼ିନାହିଁ। ଗ୍ରାମବାସୀ ଦେଖିବା ପରେ ଏନେଇ ବନବିଭାଗକୁ ଜଣାଇଥିଲେ।

## ବାଉଁଶ ବୁଦାରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ତେଣ୍ଟୋଇରେ ଅଗ୍ନିକାଣ୍ଡ**

ନାଉଗାଁ,୮।୪(ସୁଧା ବେହୁରା)



ନାଉଗାଁ ତହସିଲ ତିରୁଣା ପଞ୍ଚାୟତ ଅନ୍ତର୍ଗତ ତେଣ୍ଟୋଇ ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଉକ୍ତ ଅଗ୍ନିକାଣ୍ଡରେ ୩ ପରିବାର ବର୍ତ୍ତିଯାଇଛନ୍ତି। ଗ୍ରାମର ଶିବ ଦାସ, ଗଣେଶ ସାହୁ, ନବ ଦାସଙ୍କ ଘର ନିକଟରେ ଏକ ବାଉଁଶ ବୁଦା ରହିଛି। ଉକ୍ତ ବାଉଁଶ ବୁଦାରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲେ। ଉକ୍ତ ବୁଦାରୁ ନିଆଁ ଝୁଲ ଉଡି ସେମାନଙ୍କ ଘର ନିକଟରେ ପଡ଼ିଥିଲା। ହଠାତ ଘର ନିକଟରେ ଥିବା ଚାଳି ଓ ନଡ଼ିଆ ଗଛରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ପ୍ରଥମେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ନଡ଼ିଆ ଗଛଗୁଡିକ ଜଳିବାକୁ ଲାଗିଥିଲା। ଖବରପାଇ ନାଉଗାଁ ଅଗ୍ନିଶମ ବିଭାଗ ପକ୍ଷରୁ ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚି ଥିଲା। ସେତେବେଳକୁ ଗଛଗୁଡ଼ିକ ପୋଡିଯାଇଥିଲା।

## ଦୋକାନ ସମ୍ମୁଖରୁ ବାଇକ୍ ଚୋରି

ପାଣିକୋଇଲି,୮।୪(ବିକାଶ କୁମାର ମଲିକ)

ପାଣିକୋଇଲି ବଜାରର ଜଳଖିଆ ଦୋକାନ ସମ୍ମୁଖରୁ ଏକ ବାଇକ୍ ଚୋରି ହୋଇଥିବା ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି । କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ତୁଷାରକାନ୍ତ ସାହୁ ଯାଜପୁର ରୋଡ଼ସ୍ଥିତ ଦଳାଠାରେ ଘରଭଡ଼ା ନେଇ ରୁହନ୍ତି । ସେ ପ୍ରତିଦିନ ପାଣିକୋଇଲିର ରଞ୍ଜନ ସୁଇଟ୍‌ସ ଦେକାନ ନିକଟରେ ବାଇକ୍ ରଖି ବସ ଯୋଗେ ଭଦ୍ରକ ଯିବା ଆସିବା କରନ୍ତି। ତେବେ ରବିବାର ସନ୍ଧ୍ୟାରେ କାର୍ଯ୍ୟାଳୟରୁ ଫେରି ସେ ରଖିଥିବା ସ୍ଥାନରେ ବାଇକ୍‌ଟି ନ ଥିବା ଦେଖି ଥାନାରେ ଅଭିଯୋଗ କରିଛନ୍ତି।

## ସମାଜର ବୌଦ୍ଧିକ ବିକାଶ ଲାଗି ଦେବ ମନ୍ଦିର ନୁହେଁ, ଜ୍ଞାନ ଆବଶ୍ୟକ

ତିର୍ତ୍ତୋଲ, ୮।୪ (ଗୌରାଙ୍ଗ ଚରଣ ସ୍ୱାଇଁ)



ପୀତାମ୍ବର ତରାଇଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମାଜର ବୌଦ୍ଧିକ ବିକାଶ ଲାଗି ଦେବମନ୍ଦିର ନୁହେଁ, ଜ୍ଞାନ ଆହରଣ ଆବଶ୍ୟକ। ଜ୍ଞାନପ୍ରାପ୍ତି ସବୁ ସମୟରେ ସମାଜର ବୌଦ୍ଧିକତା ବିକାଶରେ ସହାୟକ ହୋଇଥାଏ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ କହିଛନ୍ତି। ତିର୍ତ୍ତୋଲ ସରଣୀ ଛକଠାରେ ଅନୁଷ୍ଠିତ ମାଟିଘର ସାହିତ୍ୟ ଆସନରେ ମୁଖ୍ୟ ଅତିଥି ଭାବେ ସେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ଏଥିରେ ଶିକ୍ଷାବିତ୍ ଶଶୀଭୂଷଣ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତାଭାବେ କବୟିତ୍ରୀ ଶର୍ମିଷ୍ଠା ମହାନ୍ତି, ସମ୍ମାନିତ ଅତିଥିଭାବେ ଆଧ୍ୟାତ୍ମିକ ଗୁରୁ ସଞ୍ଜୀବ କିଶୋର ମହାନ୍ତି, ଆଶିଷ କୁମାର ଦାସ, ଶିକ୍ଷାବିତ୍ ପୀତାମ୍ବର ପଣ୍ଡା ଯୋଗଦେଇଥିଲେ। ଶିକ୍ଷକ ସ୍ୱାଗତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ହେମନ୍ତ କୁମାର ସାମଲ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସୁରେଶ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁମନ୍ତ ଲେଙ୍କା, ରିନ୍ମୟ ସାହୁ, ଦୀପକ ଦାସ, ମହେନ୍ଦ୍ର ରଣା, ପ୍ରଭାତ ବାରିକ ପ୍ରମୁଖଙ୍କୁ ଉଲ୍ଲେଖନୀୟ କୃତି ଲାଗି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୋନମ ସିଂ, ଶୁଭସ୍ମିତା ଲେଙ୍କା, ସୁପ୍ରିୟା ରାଉତ, ସୁଲଗ୍ନା ମହାନ୍ତି, ସୀମା ମିଶ୍ର, ପ୍ରତିମା ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

## ୬ ମାସ ହେବ ଶୀତଳୀକରଣ ପାନୀୟ ଜଳ ପ୍ରକଳ୍ପ ଅଚଳ

ନାଉଗାଁ,୮।୪ (ସୁଧା ବେହୁରା)



- ନାଉଗାଁ ବସ୍‌ଷ୍ଟାଣ୍ଡରେ ଯାତ୍ରୀ ହନ୍ତସନ୍ତ
- ରକ୍ଷଣାବେକ୍ଷଣ ଅଭାବ ଅଭିଯୋଗ
- ୮୬,୭୦୦ ଟଙ୍କା ବ୍ୟୟ ହୋଇଥିଲା

ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ପାନୀୟ ଜଳ ସମସ୍ୟା ମଧ୍ୟ ଉତ୍କଟ ହେବାରେ ଲାଗିଛି। ଏଭଳିସ୍ଥିତିରେ ନାଉଗାଁ ବସ୍‌ଷ୍ଟାଣ୍ଡରେ ପାନୀୟ ଜଳ ବିଶୋଧନ ଓ ଶୀତଳୀକରଣ ଯନ୍ତ୍ର ୬ ମାସ ହେବ ଅଚଳ ହୋଇଯାଇଛି। ଏନେଇ ଲୋକେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍‌ର ଆର୍ଥିକ ସହାୟତାରେ ଏହି ପାନୀୟ ଜଳ ବିଶୋଧନ ଓ ଶୀତଳୀକରଣ ଯନ୍ତ୍ର ବସାଯାଇଥିଲା। ୨୦୨୧ରେ ୮୬ ହଜାର ୭ଶହ ଟଙ୍କା ବ୍ୟୟରେ ଉକ୍ତ ପାନୀୟ ଜଳ ପ୍ରକଳ୍ପକୁ ତତ୍କାଳୀନ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ବସ୍‌ରେ ଯିବା ଆସିବା କରୁଥିବା ଯାତ୍ରୀମାନେ ସୁବିଧାରେ ଶୀତଳ ପାନୀୟ ଜଳ ପାଇବା ଉଦ୍ଦେଶ୍ୟରେ ଉକ୍ତ ପାନୀୟ ଜଳ ପ୍ରକଳ୍ପ ବସାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ପାନୀୟଜଳ ପ୍ରକଳ୍ପଟି ଅଚଳ ହୋଇପଡ଼ିଛି। ଏବେ ଏହାର ଚତୁଃପାର୍ଶ୍ୱରେ ଆବଦ୍ଧ କରାଯାଇଥିବା ଲୁହା ଗ୍ରୀଲଗୁଡ଼ିକ କଳଙ୍କି ଲାଗିଗଲାଣି। ପ୍ରକଳ୍ପଟି ଅଚଳ ହୋଇଯାଇଥିବାରୁ ଦୂର ଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ପାନୀୟ ଜଳପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଅଧିକାଂଶ ଯାତ୍ରୀ ଦୋକାନରୁ ପାଣି ବୋତଲ କ୍ରୟ କରି ପାଣି ପିଇଥାନ୍ତି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ଉକ୍ତ ପାନୀୟ ଜଳ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଯାତ୍ରୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ବିଷୟରେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ରଶ୍ମି ରଞ୍ଜନ ଦାସଙ୍କୁ ପଚାରିବାରେ ଯଥାଶୀଘ୍ର ଉକ୍ତ ପାନୀୟ ଜଳ ପ୍ରକଳ୍ପ ମରାମତି କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪, ତାରିଖ ୦୮।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁରଙ୍କ ଦ୍ୱାରା **ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪-୧** ଆହ୍ୱାନ କରାଯାଉଛି, ଯାହା **ତା୨୯।୦୪।୨୦୨୪ରିଖ ୧୫.୦୦ ଘଟିକା**ରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ା ପାସେଞ୍ଜର ୟାର୍ଡଠାରେ ଟ୍ରାଫିକ୍ ସୁବିଧାର ଉନ୍ନତୀକରଣ ପାଇଁ ଇଆଇର ପୁନଃ-ଡିଜାଇନିଂ ଲାଗି ସଂଶୋଧନ/ପରିବର୍ତ୍ତନ। **ଟେଣ୍ଡର ମୂଲ୍ୟ:** ₹୧,୦୫,୨୧,୫୫୭.୭୦। **ଅମାନତ ରାଶି:** ₹୨,୦୨,୬୦୦/- । **ସମାପ୍ତି ଅବଧି:** ୦୬ (ଛଅ) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। (PR-16)

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୮୭ **ବିଜ୍ଞାପନ** ତା:୦୪।୦୪।୨୦୨୪

No. CAD-39: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ସି.ଆର୍-୩୦୩, ଛେଣ୍ଡ କଲୋନୀ, ଫେଜ୍-୧, ରାଉରକେଲା, ଛେଣ୍ଡ ଗୃହ ନିର୍ମାଣ ପ୍ରକଳ୍ପରେ, ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ, ପିତା: ୰ଅଭିମନ୍ୟୁ ପାଣିଗ୍ରାହୀ, ସ୍ଥାନ: ପ୍ଲଟ ନଂ. ଏଫ୍-୩୩୫, ସେକ୍ଟର-୭, ସି.ଡି.ଏ., ପୋଷ୍ଟ: ମର୍କତ ନଗର, ଥାନା: ବିଡ଼ାନାସୀ (କଟକ ସଦର), ଜିଲ୍ଲା: କଟକ (ଓଡ଼ିଶା), ପିନ୍: ୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ ଉକ୍ତ ଗୃହଟିକୁ ବିକ୍ରି ଆଧାରରେ ଶ୍ରୀ ମନୋଜ କୁମାର ବେହେରା, ପିତା: ଶ୍ରୀ ମାନଗୋବିନ୍ଦ ବେହେରା, ସ୍ଥାନ: ଗୋକିହା, ପୋଷ୍ଟ: ଡେଙ୍ଗୁରା, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0033/2425

## ସଂକ୍ଷେପରେ

### ଭାଜପାରୁ ଇସ୍ତଫା ଦେଲେ ଜିଲା କୃଷକ ମୋର୍ଚ୍ଚା ସଭାପତି

ଜି.ଉଦୟଗିରି,୮।୪(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବିଧାନସଭା ଭାଜପା ପ୍ରାର୍ଥୀ ଭାବେ ମାନଗୋବିନ୍ଦ ପ୍ରଧାନଙ୍କ ନାମ ଘୋଷଣା ହେବାପରେ ତାଙ୍କୁ ବିରୋଧ କରି ଦଳରେ ଅସନ୍ତୋଷ ଲାଗି ରହିଥିଲା। ୩ଦିନ ତଳେ ଦଳୀୟ କର୍ମକର୍ତ୍ତାମାନେ ଏକାଠି ହୋଇ ଖବରଦାତା ସମ୍ମିଳନୀ କରି ପ୍ରାର୍ଥୀ ପରିବର୍ତ୍ତନ ନକଲେ ସାମୁହିକ ଭାବେ ଦଳରୁ ଇସ୍ତଫା ଦେବେ ବୋଲି ଚେତାବନୀ ଦେଇଥିଲେ। ପ୍ରାର୍ଥିତ୍ୱ ପରିବର୍ତ୍ତନ ନ ହେବାରୁ ରବିବାର ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ ଦଳରୁ ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି। ସେ ଦୀର୍ଘବର୍ଷ ହେଲା ଶୃଙ୍ଖଳିତ କର୍ମୀ ଭାବେ ଦଳ ପାଇଁ କାମ କରୁଥିଲେ। ଏବେ ସାଧାରଣ ନିର୍ବାଚନରେ ଅଣଦେଖା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହା ସହିତ ଠିକ୍ ପ୍ରାର୍ଥୀ ଚୟନ ହୋଇନଥିବା ଅଭିଯୋଗ କରିଛନ୍ତି। ଅବନେଶ୍ୱରଙ୍କ ଇସ୍ତଫା ନିର୍ବାଚନରେ ଭାଜପା ଉପରେ ପ୍ରଭାବ ପକାଇବ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି।

### ଅଚଳ ହେଉଛି ଏକଟଙ୍କିଆ, ଦଶ ଟଙ୍କିଆ ମୁଦ୍ରା

ପାରଳାଖେମୁଣ୍ଡି, ୮।୪(ଗିରିଧାରୀ ପରିଛା)

ବଜାରରେ ଚାଲୁ ନାହିଁ ୧ ଟଙ୍କିଆ, ୧୦ ଟଙ୍କିଆ ମୁଦ୍ରା, ମୁଖ୍ୟତଃ ଗଜପତି ଜିଲାରେ ଏହିସବୁ ମୁଦ୍ରା ଅଚଳ ହୋଇପଡ଼ିଛି। ଯାହା ଦ୍ୱାରା ଖୁଚୁରା ବ୍ୟବସାୟରେ ଅନେକ ସମସ୍ୟା ଦେଖାଦେଇଛି। ସରକାର ଏହିସବୁ ମୁଦ୍ରା ପ୍ରଚଳନ ଜାରି ରଖିଥିବା ସତ୍ତ୍ୱେ ଏହାକୁ ଗ୍ରହଣ କରୁନାହାନ୍ତି ବ୍ୟବସାୟୀ। ଫଳରେ ଅନେକ ସମୟରେ ଏହାକୁ ନେଇ ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଚଳ ହୋଇଛି ସଚଳ ଟଙ୍କା, ଅଘୋଷିତ ବେଆଇନ ଖୁଚୁରା। ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶନାମାକୁ ବେଖାତିର କରି ବ୍ୟାଙ୍କ ଶାଖାରେ ମଧ୍ୟ ଏହି କଏନକୁ ଗ୍ରହଣ କରୁ ନ ଥିବା ଅଭିଯୋଗ ଖୁଚୁରା ବ୍ୟବସାୟୀ ଓ ଜନସାଧାରଣ କରିଛନ୍ତି । ସାଧାରଣ ଜିନିଷର କିଣାବିକାର ସୁବିଧା ଦୃଷ୍ଟିରୁ ସରକାର ଏକ ଟଙ୍କା ଦୁଇ ଟଙ୍କା ପାଞ୍ଚ ଓ ଦଶ ଟଙ୍କିଆ ମୁଦ୍ରା ପ୍ରଚଳିତ କରିଛନ୍ତି। ଯାହାଦ୍ୱାରା ବଜାରରେ ଟଙ୍କା ବିନିମୟରେ ସୁବିଧା ଓ ସହଜ ହୋଇପାରିବ। ହେଲେ ସମସ୍ତ ଖୁଚୁରାକୁ ସରକାରଙ୍କ ତରଫରୁ ବେଆଇନ କରାଯାଇ ନ ଥିଲେ ମଧ୍ୟ କୌଣସି ଏକ ଗୁଜବ ଲାଗି ଏବେ ଜିଲାରେ ଏହା ବ୍ୟବହାର ହୋଇପାରୁନାହିଁ। ଏମିତିକି ଏହି ସବୁ ଖୁଚୁରାକୁ କୌଣସି ଭିକାରୀ ମଧ୍ୟ ଗ୍ରହଣ କରୁନାହାନ୍ତି। ତେବେ ଅଞ୍ଚଳରେ କଏନର ପ୍ରଚଳନ ନେଇ ଦେଖାଦେଇଥିବା ସମସ୍ୟା ଯୋଗୁ ଆଗକୁ ସହର ବଜାରରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ସ୍ୱତନ୍ତ୍ର ଦୃଷ୍ଟିଦେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏହି ସବୁ ମୁଦ୍ରାକୁ ନେଇ ଲୋକଙ୍କ ମଧ୍ୟରେ ଥିବା ଦୂର କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ଆଗେଇ ଆସିବା ଆବଶ୍ୟକ।

### କେ. ଏମ. ଭାଲିଆସାହି ଉଚ୍ଚ ବିଦ୍ୟାଳୟର ଜଳଛତ୍ର

ଆର,ଉଦୟଗିରି, ୮।୪(ମନୋଜ କୁମାର ପାଢୀ)- ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗତର ଭାବେ କିଛି ଦିନ ଧରି ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ କେ. ଏମ. ଭାଲିଆ ସାହି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜୁନିୟର ରେଡକ୍ରସ ଆନୁକୂଲ୍ୟରେ ଜଳଛତ୍ରର ବ୍ୟବସ୍ଥା କରିଛନ୍ତି । ଆ. ଉଦୟଗିରି ବ୍ଲକ ଅନ୍ତର୍ଗତ ଅବାରସିଂ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା କେ. ଏମ. ଭାଲିଆ ସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ଥିବା ଜୁନିୟର ରେଡକ୍ରସର ଜୁନିୟର୍ସମାନେ ଜଳଛତ୍ରରେ ନିଜକୁ ସାମିଲ କରି ସମାଜ ସେବାର ମହତ୍ତ୍ୱକୁ ପ୍ରଦର୍ଶନ କରାଇଛନ୍ତି। ଯାତ୍ରୀମାନଙ୍କୁ ପାନୀୟ ଜଳ ବିତରଣ କରିବା ସହିତ ଅଂଶୁଘାତରୁ କିପରି ରକ୍ଷା ପାଇବେ, ଏ ସମସ୍ତ ବିଷୟରେ ସଚେତନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ରହିବା ସହିତ ଜେ.ଆର.ସି. ଅଧିକାରୀ ସଞ୍ଜୀବ କୁମାର ଦାସ ଏବଂ ଜେ.ଆର.ସି. ଆର.ପି.ଶ୍ରୀଯୁକ୍ତ ପ୍ରହ୍ଲାଦ ଶିଅଳ ପରିଚାଳନା କରିଥିଲେ।

# ପାରଳା ବିଧାନସଭା ଆସନ ପାଇଁ ତ୍ରିମୁଖୀ ଲଢ଼େଇ

ପାରଳାଖେମୁଣ୍ଡି,୮।୪(ଗିରିଧାରୀ ପରିଛା):

ଗଜପତି ଜିଲା ପାରଳାଖେମୁଣ୍ଡି ବିଧାନସଭା ଆସନ ପାଇଁ ମୁଖ୍ୟତଃ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ଏହି ନିର୍ବାଚନମଣ୍ଡଳୀ ଗୋଷାଣି ବ୍ଲକ, ଗୁମ୍ମା ବ୍ଲକ, କାଶୀନଗର ବ୍ଲକ, କାଶୀନଗର ଏନ୍ଏସି ଓ ପାରଳାଖେମୁଣ୍ଡି ପୌରପରିଷଦକୁ ନେଇ ଗଠିତ। ଏଠାରେ ବିଜେଡି ଇଂ. ରୂପେଶ କୁମାର ପାଣିଗ୍ରାହୀଙ୍କୁ ପ୍ରାର୍ଥୀ ଭାବେ ଟିକେଟ ଦେଇଛି। ସେ ରାଜନୀତିରେ ନୂଆ ହେଲେ ତାଙ୍କ ବାପା ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ.ତିରୁପତି ପାଣିଗ୍ରାହୀ ରାଜନୀତିରେ ପୁରୁଖା ଅଟନ୍ତି। ଭାଜପା ବର୍ତ୍ତମାନର ପାରଳା ବିଧାୟକ କେ.ନାରାୟଣ ରାଓଙ୍କୁ ୨୦୧୪ ନିର୍ବାଚନ ପାଇଁ ରିପିଟ କରିଛି। ସେ ୨୦୦୯ରେ ବିଜେଡିରେ ଥିବା ବେଳେ ପୂର୍ବତନ କଂଗ୍ରେସ ବିଧାୟକ ତ୍ରିନାଥ ସାହୁଙ୍କୁ ପରାଜିତ କରି ବିଧାୟକ ହୋଇଥିଲେ। ୨୦୧୯ରେ ବିଜେଡି ତାଙ୍କୁ ଟିକେଟ ନ ଦେବାରୁ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇ ବିଜୟ ଲାଭ କରିଥିଲେ। ନାରାୟଣଙ୍କର କାଶୀନଗର, ଗୋଷାଣି, ପାରଳାଖେମୁଣ୍ଡି ପୋର ପରିଷଦରେ ହଜାର ହଜାର ସମର୍ଥକ ଥିବାରୁ ସେ ବିଜୟୀ ହୋଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକ କହୁଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକଙ୍କୁ ପାରଳା ଆସନ ପାଇଁ ପ୍ରାର୍ଥୀ କରାଯାଇଛି। ସେ ବିଭିନ୍ନ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ରହି ଆସିଛନ୍ତି। ଏହି ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହେବ ବୋଲି ଆକଳନ କରାଯାଉଛି।


କେ.ନାରାୟଣ ରାଓ


ବିଜୟ ପଟ୍ଟନାୟକ


ରୂପେଶ ପାଣିଗ୍ରାହୀ

ତେବେ ଏଠାରେ ବିଜେଡରେ ଗୋଷ୍ଠୀ କନ୍ଦଳ ଚାଲିଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି। ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଭାଜପା ଏବଂ କଂଗ୍ରେସ ଠାରୁ ବିଜେଡି ଖୁବ୍ ଆଗରେ ରହି ରାଜନୀତିରେ ନବାଗତ ଇଂ.ରୂପେଶ ପାଣିଗ୍ରାହୀ ଓ ତାଙ୍କ ବାପା ତିରୁପତି ପାଣିଗ୍ରାହୀ ଦଳକୁ ମଜବୁତ କରିଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ସେହିପରି କଂଗ୍ରେସରୁ ଚଳିତଥର ବିଜୟ ପଟ୍ଟନାୟକଙ୍କ ପ୍ରାର୍ଥିତ୍ୱ ପରେ ସୁପ୍ତ ହୋଇଥିବା କେତେଜଣ ନେତା ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଦଳ ପାଇଁ ଆଗେଇ ଆସିଛନ୍ତି। ତେବେ ବିଗତ ଦିନରେ କଂଗ୍ରେସର ଗଡ ଥିବା ଏହି ନିର୍ବାଚନ ମଣ୍ଡଳୀର ଗୁମ୍ମା ବ୍ଲକରେ ଦଳ ଭଲ ପ୍ରଦର୍ଶନ କରିବ, ଅନ୍ୟ କୌଣସିଠାରେ ସେଭଳି ଆଖିଦୃଷ୍ଟିଆ ସମର୍ଥକ ନ ଥିବା ଆଲୋଚନା ହେଉଛି। ୧୯୯୦ରେ ଏଠାରେ ଜନତା ଦଳ ବିଜୟ ହାସଲ କରିଥିବା ବେଳେ ୧୯୯୫ରେ ସ୍ୱାଧୀନ, ୨୦୦୦ ଏବଂ ୨୦୦୪ରେ କଂଗ୍ରେସ, ୨୦୦୯ରେ ବିଜେଡି, ୨୦୧୪ରେ କଂଗ୍ରେସ ଓ ୨୦୧୯ରେ ଭାଜପା ଏହି ଆସନ ଦଖଲ କରିଥିଲା। ୧୯୯୦ ପୂର୍ବରୁ କମ୍ୟୁନିଷ୍ଟଠାରୁ ଆରମ୍ଭ କରି ଉତ୍କଳ କଂଗ୍ରେସ, ସ୍ୱାଧୀନ ଏବଂ କଂଗ୍ରେସ ଦଳର ବିଧାୟକମାନେ ନିର୍ବାଚିତ ହୋଇଥିଲେ। ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୨,୧୫,୭୦୬। ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୧,୦୬,୨୧୨, ମହିଳା ଭୋଟର ୧,୦୯,୪୭୭ ଏବଂ ତୃତୀୟ ଲିଙ୍ଗ ଭୋଟର ଭାବେ ୧୭ଜଣ ରହିଛନ୍ତି। ଚଳିତଥର ୨୭୬ ବୁଥ୍‌ରେ ମତଦାନ ବ୍ୟବସ୍ଥା ହୋଇଛି।

# ନିର୍ବାଚନ ସଚେତନତା ରଥର ଶୁଭାରମ୍ଭ


ସଚେତନତା ରଥ।

ଫୁଲବାଣୀ, ୮।୪(ରାକେଶ କୁମାର ରାଉତ)

କନ୍ଧମାଳ ସଂସଦୀୟ କ୍ଷେତ୍ରର ୭ଟି ବିଧାନସଭା ଅନ୍ତର୍ଗତ ସମସ୍ତ ଭୋଟରଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସୋମବାର ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଫୁଲବାଣୀ ଉପଜିଲାପାଳ ଚିତ୍ତରଞ୍ଜନ ମହନ୍ତ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଦେବଜାନୀ ଭୂୟାଁ ଏହାକୁ ଉଦ୍‌ଘାଟନ କରିଥିଲେ। ନୂଆ ଭୋଟରମାନେ କିପରି ଠିକ୍ ଭାବେ ଭୋଟଦେବେ, ଭୋଟଦାନର ହାର ବୃଦ୍ଧି ହୋଇ ଅନ୍ୟୂନ ୭୫ ପ୍ରତିଶତରୁ ଅଧିକ ଲକ୍ଷ୍ୟ ନେଇ ଗାଁରେ ସଚେତନତା ବାର୍ତ୍ତା ପହଞ୍ଚାଇବାକୁ ଚେଷ୍ଟା କରାଯାଉଛି। ଏଥିସହିତ ବିଭିନ୍ନ ପ୍ରଚାରପତ୍ର ବଣ୍ଟନ ମାଧ୍ୟମରେ ଭୋଟଦାନ ପ୍ରକ୍ରିୟାକୁ କିପରି ସରଳ ଓ ସହଜ କରିହେବ ତାହା ଉପରେ ଉପ ଜିଲାପାଳ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାତୀର ସମ୍ପାଦକ ଇଂ. ହରି ଶଙ୍କର ରାଉତ, ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀ, କୋଷାଧ୍ୟକ୍ଷ ଶାନ୍ତନୁ କୁମାର ମିଶ୍ର, ପ୍ରକଳ୍ପ ସଂଯୋଜକ ପ୍ରଦୀପ ସ୍ୱାଇଁ, ବିଶ୍ୱରଞ୍ଜନ କରଙ୍କ ସମେତ ଉପଜିଲାପାଳ ଓ ଆଇ.ଟି.ଡି.ଏ. କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା, ସ୍ୱାତୀର କର୍ମୀମାନେ ଉପସ୍ଥିତ ଥିଲେ।

# ଜମି ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୫ ଗ୍ରାମବାସୀ

ପାରଳାଖେମୁଣ୍ଡି, ୮।୪(ଗିରିଧାରୀ ପରିଛା): ନିଜ ପୂର୍ବ ପୁରୁଷମାନଙ୍କ ଜଙ୍ଗଲ ଜମିର ଅଧିକାରକୁ ନେଇ ଗଜପତି ଜିଲା ରାୟଗଡ ବ୍ଲକ କରଡାସିଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଦ୍ମପୁର ମୌଜାର ପାଞ୍ଚ ଖଣ୍ଡ ଗ୍ରାମର ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଦେଖିବାକୁ ମିଳିଛି। ଉକ୍ତ ଅଞ୍ଚଳରେ ବାହାର ବ୍ଲକରୁ ଲୋକେ ଆସି ଜବରଦଖଲ କରି ରହୁଥିବା ବେଳେ ଜିଲା ପ୍ରଶାସନ ତାଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି, ଯାହାକି ସେହି ଜଙ୍ଗଲ ଜମି ଏହି ପାଞ୍ଚ ଖଣ୍ଡ ଗ୍ରାମର ପୂର୍ବ ପୁରୁଷଙ୍କର ବୋଲି ଗ୍ରାମବାସୀ କହିଛନ୍ତି। ୨୦୧୫ରୁ ଆଜି ପର୍ଯ୍ୟନ୍ତ ଏମିତି ଅନେକ ଥର ପ୍ରଶାସନର ଦ୍ୱାରସ୍ତ ହେବା ସହ ଏ ଅଫିସରୁ ସେ ଅଫିସ ପୁଣି ଏ ବାବୁ ଠାରୁ ସେ ବାବୁଙ୍କ ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲେଣି। କିନ୍ତୁ ଆଜି ଯାଏଁ ଆମକୁ ନ୍ୟାୟ ମିଳିପାରିଲା ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୁଣିଥରେ ଏହି ସମସ୍ୟା ନେଇ ଗ୍ରାମବାସୀ ଏକ ରାଲି ବାହାର କରି ବିଭିନ୍ନ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ନିଜର ପୂର୍ବ ପୁରୁଷଙ୍କ ଜଙ୍ଗଲ ଜମିର ସୁରକ୍ଷା ଏବଂ ମାଲିକାନା ପାଇଁ ଦାବି କରି ଏକ ସ୍ମାରକପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବିରେନ୍ଦ୍ର କୁମାର ଦାଶଙ୍କୁ ପ୍ରଦାନ କରିଛନ୍ତି।


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

### ମାରପିଟ ଘଟଣାରେ ୫ କୋର୍ଟଚାଲାଣ

ଖଲ୍ଲିକୋଟ,୮।୪(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ରେଲୱେ ଷ୍ଟେଶନ ବାଇକ୍ ଷ୍ଟାଣ୍ଡରେ ରବିବାର ରାତିରେ ମାରପିଟ ହୋଇଥିଲା। ଏହି ଘଟଣାରେ ପୋଲିସ ସୋମବାର ୫ ଜଣଙ୍କୁ କୋର୍ଟ ଚାଲାଣ କରିଛି। ରବିବାର ରାତି ୮ଟାରେ ଖଲ୍ଲିକୋଟ ରେଲୱେ ଷ୍ଟେଶନ ବାଇକ୍ ଷ୍ଟାଣ୍ଡରେ କୌଣସି କାରଣକୁ ନେଇ ଷ୍ଟାଣ୍ଡ ମାଲିକ ଓ ସ୍ଥାନୀୟ କିଛି ଯୁବକଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଖବର ପାଇ ଖଲ୍ଲିକୋଟ ଥାନାଧିକାରୀ ନରେଶ କୁମାର ସାହୁଙ୍କ ନେତୃତ୍ୱରେ ଥାନା ଏସ୍ଆଇ ପିଙ୍କିନି ପଟ୍ଟନାୟକ, ଏଏସ୍ଆଇ ପ୍ରଭାକର ଘଣ୍ଟ, ହୃଷୀକେଶ ସାମଲ, ଅସିତ କୁମାର ପ୍ରଧାନ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏ ନେଇ ପୋଲିସ ନଂ. ୨୯୩/୨୪ରେ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ବନ୍ଧଛକରେ ପଞ୍ଚୁଦଣ୍ଡ ମହାମିଳନ


ପଞ୍ଚୁଦଣ୍ଡ ମହାମିଳନରେ ଉପସ୍ଥିତ ଭକ୍ତ।

ଜି.ଉଦୟଗିରି,୮।୪(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବନ୍ଧଛକଠାରେ ସୋମବାର ପଞ୍ଚୁଦଣ୍ଡମହାମିଳନଅନୁଷ୍ଠିତହୋଇଯାଇଛି। ବନ୍ଧଛକ ପଞ୍ଚୁଦଣ୍ଡ ପରିଚାଳନା କମିଟି ତରଫରୁ ଶାନ୍ତିଶୃଙ୍ଖଳାରେ ପଞ୍ଚୁଦଣ୍ଡ ନୃତ୍ୟ ପରିବେଷଣ ହେବ ସେ ନେଇ ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପଞ୍ଚୁଦଣ୍ଡ ମହା ମିଳନ ସମାରୋହରେ ପେନାଲା, ଡୁଙ୍ଗି, ଗଣ୍ଡଗାଁ, କଇଁଝର ଏବଂ ବୁର୍ବୀ ଗ୍ରାମର ଦଣ୍ଡକାଳୀ ଓ ଶିବଶମ୍ଭୁଙ୍କ ମହାମିଳନ ହୋଇଛି। ପରିଚାଳନା କମିଟି ସଭାପତି ଅଜିତ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ନେଇଛନ୍ତି। ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ରହି ମହାମିଳନର ଦର୍ଶନ କରିବା ସହ ଅପାର କୃପା ଆଶୀର୍ବାଦ ଲାଭ କରିଛନ୍ତି।

# ସଡ଼କ ପରିବହନ ନିଗମ ମାମଲାର ସଫଳ ରୂପାୟନ କର

ଫୁଲବାଣୀ, ୮।୪ (ରାକେଶ କୁମାର ରାଉତ)

ଫୁଲବାଣୀ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସଭାଗୃହରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟପୀର ମିଶ୍ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଗୋହର୍ ମହମ୍ମଦ୍ ବନାମ ଉତ୍ତର ପ୍ରଦେଶ ସଡ଼କ ପରିବହନ ନିଗମ କେସ୍ ବିଷୟରେ ସମସ୍ତଙ୍କ ସହ ଆଲୋଚନା କରି ଏହାର ସଫଳ ରୂପାୟନ କରିବା ଦିଗରେ ଦିଗ୍‌ଦର୍ଶନ ଦେଇଥିଲେ। ସିଭିଲ୍ କୋର୍ଟ ତଥା ବାଳ ଅପରାଧ ସମ୍ବନ୍ଧୀୟ ବିଚାରପତି ନୀତିଶା ଚନ୍ଦକ୍ ସ୍ୱତନ୍ତ୍ର ନାବାଳକ ପୋଲିସ ୟୁନିଟ୍‌ର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଗୋହର୍ ମହମ୍ମଦ୍ ବନାମ ଉତ୍ତର ପ୍ରଦେଶ ସଡ଼କ ପରିବହନ ନିଗମ କେସ୍‌ରେ ରହିଥିବା ନିର୍ଦ୍ଦେଶାବଳୀକୁ କିପରି ପ୍ରତି ଥାନାସ୍ତରରେ ସଫଳରୂପେ କାର୍ଯ୍ୟକାରୀ କରିହେବ ଉପ ଆରକ୍ଷୀ ଅଧୀକ୍ଷକ କମଳାକାନ୍ତ ପଣ୍ଡା ତା'ଉପରେ ଆଲୋଚନା କରିଥିଲେ। ମହିଳା ଅଦାଲତ ବିଚାରପତି ବିଶ୍ୱକଲ୍ୟାଣୀ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେସ୍ ଉପରେ ଆଲୋଚନା କରିଥିଲେ। ସଚେତନତା ଶିବିରକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅନୁଶୀଳା ରୟ ପରିଚାଳନା କରିଥିଲେ। ଭିଜିଲାନ୍ସ କୋର୍ଟ ବିଚାରପତି ସମର ବିଳାସ ବେହେରା, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଦୋଳଗୋବିନ୍ଦ ବାରିକ, ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ସୁଶ୍ରୀ ସୌମ୍ୟା ଶୁଭଦର୍ଶିନୀ, ଏସ୍‌ଡିଜେଏମ୍ ଅରିଜିତ୍ ଦାସ, ଜେଏମ୍‌ଏଫ୍‌ସି ସୁଶ୍ରୀ ସ୍ୱାଗତିକା ସ୍ୱାଇଁ, ବାର୍ ଆସୋସିଏଶନ୍ ସଭାପତି ନିରୋଦ କୁମାର ପାତ୍ର, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପାରଳାରେ ବିଜେଡିର ଶକ୍ତି ପ୍ରଦର୍ଶନ

ପାରଳାଖେମୁଣ୍ଡି,୮।୪ (ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ସୋମବାର ବିଜେଡି ତାର ଶକ୍ତି ପ୍ରଦର୍ଶନ କରିଛି। ବିଜେଡି ଗଜପତି ଜିଲାର ଉଭୟ ଲୋକସଭା ଓ ବିଧାନସଭା ପାର୍ଥୀଙ୍କ ନାମ ଘୋଷଣା ପରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ପ୍ରଥମ ଥର ପାଇଁ ବିଜେଡି ବିଶାଳ ବାଇକ ରାଲି ଦେଖିବାକୁ ମିଳିଛି। ବିଧାନସଭା ପାର୍ଥୀ ରୁପେଶ ପାଣିଗ୍ରାହୀ ଓ ନୂତନ ଭାବେ ବିଜେଡିର ସାମିଲ ହୋଇଥିବା ବ୍ରହ୍ମପୁର ଏମ୍‌ପି ପାର୍ଥୀ ଭୃଗୁ ବକ୍ସିପାତ୍ର ଉଭୟ ମିଳିତ ଭାବେ ଭୋଟରଙ୍କ ପାଖକୁ ପହଞ୍ଚିବା ପାଇଁ ଗୋଷାଣୀ ବ୍ଲକର ଲବନ୍ୟଗଡ଼ଠାରୁ ଏକ ବିଶାଳ ବାଇକ୍ ରାଲି ବିଭିନ୍ନ ଗ୍ରାମ ଅତିକ୍ରମ କରି ପାରଳାଖେମୁଣ୍ଡିରେ ପହଞ୍ଚିଥିଲା। ଏହି ସମୟରେ ବିଭିନ୍ନ ଅଞ୍ଚଳରେ ସମର୍ଥକମାନେ ଉଭୟ ନେତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ।



## ପୁଣି ସାମ୍ନାକୁ ଆସିଲା ଆଉଟସୋର୍ସିଂ ସଂସ୍ଥାର କାରନାମା

# ମେଡିକାଲ କଲେଜରେ ଚାକିରି ଦେବା ନାଁରେ ଠକେଇ

ଫୁଲବାଣୀ, ୮।୪(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଶିକ୍ଷିତ ବେକାରଙ୍କ ପାଇଁ ରୋଜଗାରର କୌଣସି ସୁଯୋଗ ନାହିଁ । ଏଠାରେ ଶିଳ୍ପ ନାହିଁ । ଏହାର ସୁଯୋଗ ନେଇ ବିଭିନ୍ନ ଆଳ ଦେଖାଇ ସରଳ ଯୁବତୀ ଯୁବକ ମାନଙ୍କୁ ଠକି ଚାଲିଛନ୍ତି ଆଉଟସୋର୍ସିଂ ସଂସ୍ଥା । କିଛି ଦିନ ତଳେ ପ୍ରତ୍ୟୁଷ ନାମକ ଏକ ଆଉଟସୋର୍ସିଙ୍ଗ ସଂସ୍ଥାର କର୍ମଚାରୀଙ୍କ ଦ୍ୱାରା ଅନେକ ଲୋକ ଠକାମୀର ଶୀକାର ହୋଇଥିବା ଖବର ପ୍ରସାରଣ ପରେ ଏବେ ପୁଣି ଆଉ ଏକ ଠକାମୀ ପଦାକୁ ଆସିଛି। ଫୁଲବାଣୀଠାରେ ନିର୍ମାଣାଧୀନ ମେଡିକାଲର କଲେଜରେ ଚାକିରୀ ଦେବା ନାଁରେ ଜଣେ ବ୍ୟକ୍ତି ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ କିଛି ଦିନ ତଳେ ମେଡିକାଲ କଲେଜରେ ଚାକିରୀ ନେଇ ଏକ ବିଜ୍ଞାପନ ଖବରକାଗଜରେ ପ୍ରକାଶିତ ହୋଇଥିଲା। ଏହି ବିଜ୍ଞାପନ ଦେଖି କିଛି ବେକାର ଯୁବକ ବିଜ୍ଞାପନ ତଳେ ଲେଖା ଯାଇଥିବା ସୁଶାନ୍ତ ସାହୁଙ୍କ ସହିତ ଯୋଗାଯୋଗ କରିଥିଲେ। ପରେ ତାଙ୍କ ପାଖକୁ ଚାକିରୀ ପାଇଁ ଆବଶ୍ୟକ ସମସ୍ତ କାଗଜପତ୍ର ସହ ୩୦ ହଜାର ଲେଖାଏ ଟଙ୍କା ପଠାଇଥିଲେ। ସମ୍ପୃକ୍ତ ବ୍ୟକ୍ତି କେତେଜଣ ଯୁବକଙ୍କ ପାଖକୁ ନିଯୁକ୍ତି ପତ୍ର ସହ ପରିଚୟ ପତ୍ର ପଠାଇଥିଲେ। ନିର୍ମଳ ଯୋଜନା ମେଡିକାଲ ତରଫରୁ ଏହି ଚାକିରୀ ଦିଆଯାଇଥିବା ନିଯୁକ୍ତି ପତ୍ରରେ ଉଲ୍ଲେଖ ଥିଲା। ଏହାପରେ ଏହି ନିଯୁକ୍ତି ପତ୍ର ଏବଂ ପରିଚୟ ପତ୍ର ଜାଲ ବୋଲି ଜାଣିବାକୁ ପାଇଥିଲେ ଠକାମୀର ଶିକାର ହୋଇଥିବା ଯୁବକମାନେ। ସୁଶାନ୍ତ ନାମକ ବ୍ୟକ୍ତିଙ୍କୁ ପୁଣି ଯୋଗାଯୋଗ କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କର ଫୋନ ଆଉ ଲାଗି ନ ଥିଲା। ଠକାମୀର ଶୀକାର ହୋଇଥିବା ଦାରିଙ୍ଗବାଡ଼ି ବ୍ଲକ ହାତିମୁଣ୍ଡା ପଂଚାୟତ, କସାବସା ଗ୍ରାମର ରଜତ ଉଠାଣସିଂ, ପ୍ରଫୁଲ ବଳିୟାରସିଂ, ଭ୍ରମରବାଡି ପଂଚାୟତ କେରୁବାଡିର ବିଲ୍‌ସନ୍ ନାୟକ, ସାରଙ୍ଗଡ ପଂଚାୟତ ଦାସିଗୁଡାର ଗୋଲକ ବିହାରୀ ପ୍ରଧାନ, ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ଟେଲାପାଲିର ସାରଙ୍ଗଧର କହଁର, ଦାରିଙ୍ଗବାଡି ବ୍ଲକ ସାଂଗୁଡୁମାହାର ସୁବ୍ରତ ପ୍ରଧାନ ପ୍ରମୁଖ ଥାନାରେ ଅଭିଯୋଗ କରିଛନ୍ତି। କନ୍ଧମାଳ ଜିଲାର ସରଳ ଯୁବତୀ ଯୁବକ ମାନଙ୍କୁ ଭୂଆଁ ବୁଲାଇ ଦୁର୍ବୃତ୍ତମାନେ ବାରମ୍ୱାର ଏଭଳି ଠକି ଚାଲିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ପୂର୍ବରୁ ପ୍ରତ୍ୟୁଷ ସଂସ୍ଥା ବିରୋଧରେ ସଦର ଥାନାରେ ଏତାଲା ହୋଇଥିଲେ ମଧ୍ୟ ଫଳ ଶୂନ। ଜିଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।


ଠକାମିର ଶୀକାର ହୋଇଥିବା ଯୁବକ।

### ଟ୍ରକ୍ ଧକ୍କାରେ ଜଣେ ଗୁରୁତର

ଦିଗପହଣ୍ଡି,୮।୪(ଅଶେଷ ନାଥ ମିଶ୍ର)-ଦିଗପହଣ୍ଡି ସହର ଉପକଣ୍ଠ ଅନଙ୍ଗପୁର ନିକଟରେ ସୋମବାର ସକାଳ ଏକ ଟ୍ରକ ଧକ୍କାରେ ଜଣେ ପରିବା ବ୍ୟବସାୟୀ ଗୁରୁତର ହୋଇଛନ୍ତି। ସେ ହେଲେ ବଜାପଲ୍ଲି ଗ୍ରାମର ଡି. କୋରା ଦୋରା। ଡି. କୋରା ତାଙ୍କ ସାଇକେଲରେ ପନିପରିବା ବୋଝେଇ କରି ବ୍ୟବସାୟ ପାଇଁଦିଗପହଣ୍ଡିଆସୁଥିବା ବେଳେ ତାଙ୍କୁ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇ ଚାଲିଯାଇଥିଲା।

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪, ତାରିଖ ୦୮।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁରଙ୍କ ଦ୍ୱାରା **ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪-୧** ଆହ୍ୱାନ କରାଯାଉଛି, ଯାହା **ତା୨୯।୦୪।୨୦୨୪ରିଖ ୧୫.୦୦ ଘଟିକା**ରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ା ପାସେଞ୍ଜର ୟାର୍ଡଠାରେ ଗ୍ରାଫିକ୍ ସୁବିଧାର ଉନ୍ନତୀକରଣ ପାଇଁ ଇଆଇର ପୁନଃ-ଡିଜାଇନିଂ ଲାଗି ସଂଶୋଧନ/ପରିବର୍ତ୍ତନ। **ଟେଣ୍ଡର ମୂଲ୍ୟ:** ₹୧,୦୫,୨୧,୫୫୭.୭୦। **ଅମାନତ ରାଶି:** ₹୨,୦୨,୬୦୦/- । **ସମାପ୍ତି ଅବଧି:** ୦୬ (ଛଅ) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। (PR-16)

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୮୭ **ବିଜ୍ଞାପନ** ତା:୦୪।୦୪।୨୦୨୪

No. CAD-39: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ସି.ଆର୍-୩୦୩, ଛେଣ୍ଡ କଲୋନୀ, ଫେଜ୍-୧, ରାଉରକେଲା, ଛେଣ୍ଡ ଗୃହ ନିର୍ମାଣ ପ୍ରକଳ୍ପରେ, ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ, ପିତା: ୰ଅଭିମନ୍ୟୁ ପାଣିଗ୍ରାହୀ, ସ୍ଥାନ: ପ୍ଲଟ ନଂ. ଏଫ୍-୩୩୫, ସେକ୍ଟର-୭, ସି.ଡି.ଏ., ପୋଷ୍ଟ: ମର୍କତ ନଗର, ଥାନା: ବିଡ଼ାନାସୀ (କଟକ ସଦର), ଜିଲ୍ଲା: କଟକ (ଓଡ଼ିଶା), ପିନ୍: ୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ ଉକ୍ତ ଗୃହଟିକୁ ବିକ୍ରି ଆଧାରରେ ଶ୍ରୀ ମନୋଜ କୁମାର ବେହେରା, ପିତା: ଶ୍ରୀ ମାନଗୋବିନ୍ଦ ବେହେରା, ସ୍ଥାନ: ଗୋଳିହା, ପୋଷ୍ଟ: ଡେଙ୍ଗୁରା, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0033/2425

# ମାନବିକତା ଭୁଲିଗଲା ପୋଲିସ



କାଳବୈଶାଖୀ ବର୍ଷା ସମୟରେ ଥାନା ସମ୍ମୁଖରେ ଜରିପାଲ ତଳେ ଆନ୍ଦୋଳନକାରୀ ।

## ୧୧ ଜଣଙ୍କୁ ଗିରଫ ଦର୍ଶାଇ କୋର୍ଟ ଚାଲାଣ

ପାଣିକୋଇଲି,୮।୪(ବିକାଶ କୁମାର ମଲିକ)–ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଧନତ୍ରୀ ବାଲିଘାଟରେ ବାଲି ବ୍ୟବସାୟୀ ଓ ଗ୍ରାମବାସୀଙ୍କ ଶନିବାର ରାତିରେ ଗଣ୍ଡଗୋଳ ଘଟିଥିଲା । ଯାହାକୁ ନେଇ ଧନତ୍ରୀ ଗ୍ରାମବାସୀ ମାନଙ୍କ ପକ୍ଷରୁ ମଧୁସୁଦନ ରାଉତ, ନଗେନ୍ଦ୍ର ନାରାୟଣ ସ୍ୱାଇଁ, ଜୟନ୍ତ ସାହୁ, ସତ୍ୟବ୍ରତ ସାହୁ, ସୁଧାଂଶୁ ଶେଖର ସାହୁ, ମୁକ୍ତିକାନ୍ତ ସାହୁ, ନିମାଇଁ ଚରଣ ସାହୁ, ମନୋରଞ୍ଜନ ବେହେରା, ଦୀପକ କୁମାର ସାହୁ, ରାମଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ସାହୁ,ଓ ମନୋରଞ୍ଜନ ସାହୁ ଥାନାକୁ ଅଭିଯୋଗ ନେଇ ଆସିଥିବା ବେଳେ ପୋଲିସ ସେମାନଙ୍କୁ ଥାନାରେ ଅଟକ ରଖିଥିଲା । ଏନେଇ ଧନତ୍ରୀ ବାଲିଘାଟର ମ୍ୟାନେଜର ମୂଳାପାଳ ପଞ୍ଚାୟତ ବରପଦା ଗ୍ରାମର ଘୁରୁଡ଼ ସାମଲଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରାଯାଇଛି । ଅଟକ ଥିବା ୧୧ ଜଣଙ୍କୁ ପୋଲିସ ରାତିଅଧିଆ କୋର୍ଟ ଚାଲାଣ କରିଛି । ଫଳରେ ଧନତ୍ରୀ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି । ଅପରପକ୍ଷେ ଗ୍ରାମବାସୀ ଏହା ବେଆଇନ ବାଲିଘାଟ ବୋଲି ଦାବି କରୁଛନ୍ତି । ସୋମବାର ବାଲିଘାଟ ବନ୍ଦ ରହିଛି ।

ପାଣିକୋଇଲି,୮।୪(ବିକାଶ କୁମାର ମଲିକ)

ପାଣିକୋଇଲି ଥାନା ତଥା ବ୍ୟାସନଗର ତହସିଲ ଅଧୀନ ମୁଳାପାଳ ପଞ୍ଚାୟତର ଧନତ୍ରୀ ବାଲିଘାଟକୁ ନେଇ ଶନିବାର ରାତିରେ ଉତ୍ତେଜନା ପ୍ରକାଶ ପାଇଥିଲା । ବାଲିଘାଟରେ ବାଲି ବ୍ୟବସାୟୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଘଟିଥିବା ଗଣ୍ଡଗୋଳ ନେଇ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଉକ୍ତ ଗ୍ରାମର ୧୧ ଜଣଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା । ଏହି ଖବର ଜଣାପଡିବା ପରେ ଧନତ୍ରୀ ଗ୍ରାମର ଶତାଧିକ ଗ୍ରାମବାସୀ ଅଟକ ଥିବା ବ୍ୟକ୍ତିମାନଙ୍କୁ ଛାଡ଼ି ଦେବା ଦାବି ନେଇ ଥାନା ସମ୍ମୁଖରେ ଧାରଣା ଦେଇଥିଲେ । ବାଲି ବ୍ୟବସାୟୀଙ୍କ ସହ ପ୍ରଶାସନର ମଧୁଚନ୍ଦ୍ରିକା ନେଇ ଅଭିଯୋଗ ଆଣି ବିଭିନ୍ନ ନାରାବାଜି କରିବା ସହିତ ଥାନା ଘେରାଉ କରିଥିଲେ । ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଘଟଣାସ୍ଥଳକୁ ଆସି ଆଲୋଚନା କରିବା ପରିବର୍ତ୍ତେ ଧାରଣାରେ ବସିଥିବା ଗ୍ରାମବାସୀଙ୍କୁ ଧମକ ଦେବା ସହ ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ଲାଗି କହିଥିଲେ । ଏପରି କି କାଳ ବୈଶାଖୀ ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ମାରିବା ସତ୍ତ୍ୱେ ଏକ ପାଲକୁ ଧରି ୨ଘଣ୍ଟା ଧରି ଗ୍ରାମବାସୀ ଥାନା ସମ୍ମୁଖରେ ଛିଡ଼ା ହୋଇଥିଲା ବେଳେ ପୋଲିସ ସେମାନଙ୍କୁ ଅଭ୍ୟର୍ଥନା ଗୃହକୁ ଡ଼ାକି ନ ଥିଲା କି ସେମାନଙ୍କ ସହିତ ଆଲୋଚନା କରି ନ ଥିଲା । ଫଳରେ ଗ୍ରାମବାସୀ ସେଭଳି ଅବସ୍ଥାରେ ପାଲ ତଳେ ଛିଡ଼ା ହୋଇ ରହିଥିଲେ । ଏହାର କିଛି ସମୟ ପରେ ବ୍ୟାସନଗର ତହସିଲଦାର ପହଞ୍ଚି ଆଲୋଚନା କରିଥିଲେ । ହେଲେ ଜନସାଧାରଣଙ୍କ ଦାବିକୁ ଅଗ୍ରାହ୍ୟ କରିଦେଇଥିଲେ । ଲିଖିତ ଭାବେ ଜଣାଅ, ମାଇନିଂ ବିଭାଗ ସେକଥା ବୁଝିବ ବୋଲି କହି ଗ୍ରାମବାସୀଙ୍କ ଦାବିକୁ ଏଡାଇ ଯାଇଥିଲେ । ତେବେ ଥାନା ସମ୍ମୁଖରେ ଥିବା ଜିଲା ଆରକ୍ଷୀ ଅଧୀକ୍ଷକ କିଭଳି ଘଟଣା କିପରି ଜାଣିପାରିଲେ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ପୋଲିସର ଏଭଳି ପଦକ୍ଷେପକୁ ସାଧାରଣରେ ସମାଲୋଚନା କରାଯାଇଛି ।

## ସଂକ୍ଷେପରେ

### ଦୋକାନ ସମ୍ମୁଖରୁ ବାଇକ୍ ଚୋରି

ପାଣିକୋଇଲି,୮।୪(ବିକାଶ କୁମାର ମଲିକ)

ପାଣିକୋଇଲି ବଜାରର ଜଳଖିଆ ଦୋକାନ ସମ୍ମୁଖରୁ ଏକ ବାଇକ୍ ଚୋରି ହୋଇଥିବା ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ତୁଷାରକାନ୍ତ ସାହୁ ଯାଜପୁର ରୋଡ଼ସ୍ଥିତ ଦଳାଠାରେ ଘରଭଡ଼ା ନେଇ ରୁହନ୍ତି । ସେ ପ୍ରତିଦିନ ପାଣିକୋଇଲିର ରଞ୍ଜନ ସୁଇଟ୍ସ ଦେକାନ ନିକଟରେ ବାଇକ୍ ରଖି ବସ ଯୋଗେ ଭଦ୍ରକ ଯିବା ଆସିବା କରନ୍ତି । ତେବେ ରବିବାର ସନ୍ଧ୍ୟାରେ କାର୍ଯ୍ୟାଳୟରୁ ଫେରି ସେ ରଖିଥିବା ସ୍ଥାନରେ ବାଇକ୍ଟି ନ ଥିବା ଦେଖି ଉକ୍ତ ଜଳଖିଆ ଦୋକନରେ ଲାଗିଥିବା ସିସିଟିଭି ଫୁଟେଜ୍କୁ ଚେକ୍ କରିଥିଲେ । ତାଙ୍କର ବାଇକ୍ (ନଂ.ଓଡି ୦୯ବି ୨୨୦୦)କୁ ଦୁଇ ଜଣ ଦୁର୍ବୃତ୍ତ ଚୋରି କରିନେଇଥିବା ଜାଣିଥିଲେ । ଏହାପରେ ସେ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ନାବାଳିକା ବଳାତ୍କାର ମାମଲା ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୮।୪(ମାନସ ବିଶ୍ୱାଳ)

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ସୋମବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି । ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ୭ବର୍ଷର ନାବାଳିକା ଘର ନିକଟସ୍ଥ ଅଜୟ ବେହେରା(୩୨)ଙ୍କ ଦୋକାନକୁ ଚକୋଲେଟ୍ ଓ ଚିପ୍ସ ଆଣିବାକୁ ଯାଇଥିଲେ । ଦୋକାନୀ ଜଣକ ନାବାଳିକାଙ୍କୁ ଏକୁଟିଆ ପାଇ ତାଙ୍କୁ ବଳାତ୍କାର କରିଥିଲେ । ନାବାଳିକା ଜଣକ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜିବାକୁ ଯାଇ ଦୋକାନରେ ପହଞ୍ଚିଥିଲେ । ନାବାଳିକା ଜଣକ କାନ୍ଦି କାନ୍ଦି ସମସ୍ତ ଘଟଣା କହିଥିଲେ । ପରିବାର ଲୋକେ ଗ୍ରାମଲୋକଙ୍କୁ ଜଣାଇଥିଲେ । ପରେ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ଗତ ୨୦୨୩ ମେ' ୩୦ ତାରିଖରେ ଖନ୍ତାପଡ଼ା ଥାନାରେ ମାମଲା (ନଂ.୧୨୯/୨୩) ରୁଜୁ କରାଯାଇଥିଲା । ଉକ୍ତ ମାମଲାକୁ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାର କରିଥିଲେ । ୧୭ ଜଣ ସାକ୍ଷୀ ଏବଂ ୧୮ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ଅଜୟଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଥିଲେ । ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଯୋଗାଇଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

### ଏତଲା ରଖିଲା ନାହିଁ ପୋଲିସ

ପାଣିକୋଇଲି,୮।୪(ବିକାଶ କୁମାର ମଲିକ)

ଯାଜପୁର ଜିଲା ବଡ଼ଚଣା ପୋଲିସ ଏତଲା ରଖିବାକୁ ମନା କରିବାରୁ ନ୍ୟାୟ ପାଇଁ ଏସ୍‌ପିଙ୍କୁ ଗୁହାରି କରିଛନ୍ତି ଜଣେ ଅଭିଯୋଗକାରୀ । ସୂଚନା ଅନୁଯାୟୀ, ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଘୁମୁରୀ ହାସନବାଦ ଗ୍ରାମର ରବିନ୍ଦ୍ର ସାହୁଙ୍କ ସ୍ତ୍ରୀ ରେଖା ସାହୁ ବଡ଼ଚଣା ଥାନା ପୋଲିସ ତାଙ୍କ ଏତଲା ରଖିବାକୁ ମନା କରିବାର ଅଭିଯୋଗ ଆଣିଛନ୍ତି । ତାଙ୍କ କହିବା କଥା, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ଜାନୁଆରୀ ୨୦ରେ ଅଭିଯୁକ୍ତ ତାଙ୍କ ସହଯୋଗୀମାନଙ୍କୁ ନେଇ ତାଙ୍କ ଘରେ ନିଆଁ ଲଗାଇଦେଇଥିଲେ । ଏ ସଂକ୍ରାନ୍ତରେ ସେ ବଡ଼ଚଣା ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ. ୫୨/୨୪ )ରୁଜୁ ହୋଇଥିଲା । ଘରପୋଡ଼ି ଯୋଗୁ ତାଙ୍କର ସମସ୍ତ ଆସବାସପତ୍ର, କଂସାବାସନ ଓ ଗୋଟଏ ମୋପେଡ଼ ପୋଡ଼ି ପାଉଁଶ ହୋଇଯାଇଥିଲା । ରହିବା ପାଇଁ ଘର ନ ଥିବାରୁ ବିଲରେ ଥିବା ଏକ ବୋରିଂ ଘରେ ରବିନ୍ଦ୍ରଙ୍କ ପରିବାର ରହି ଜୀବିକା ନିର୍ବାହ କରୁଥିଲେ । ପୋଡ଼ିଯାଇଥିବା ମୋପେଡ ସମେତ ସମସ୍ତ ସାମଗ୍ରୀ ସେଠାରେ ରହିଥିଲା । ମାତ୍ର ଗତ ୬ ତାରିଖ ରାତିରେ ତାଙ୍କ ଗ୍ରାମର ଅକ୍ଷୟ ବେଜ, ରାମଚନ୍ଦ୍ର ରାଉତ ଓ କାମିନୀ ରାଉତ ଉକ୍ତ ଗାଡ଼ିକୁ ଚୋରି କରିନେଇଛନ୍ତି । ଏନେଇ ସେ ଥାନାରେ ୭ ତାରିଖ ଅଭିଯୋଗ କରିବାକୁ ଯାଇଥିଲେ । ହେଲେ ପୋଲିସ ଏତଲା ରଖିବାକୁ ମନାକରିଥିଲା । ଯାହା ଫଳରେ ରବିନ୍ଦ୍ର ଓ ରେଖା ନ୍ୟାୟ ପାଇଁ ସୋମବାର ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ନ୍ୟାୟ ଭିକ୍ଷା କରିଛନ୍ତି ।



ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଆସିଥିବା ରେଖା ସାହୁ ।

# ବିଦ୍ୟାର୍ଥୀମାନଙ୍କ ପ୍ରତିଭା ପ୍ରଦର୍ଶନର ମାଧ୍ୟମ ବାର୍ଷିକୋତ୍ସବ




ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

### ଭିଭେଲିଅନ ସ୍କୁଲର ବାର୍ଷିକୋତ୍ସବ

ରସୁଲପୁର,୮।୪(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ କୁଆଖିଆ ବଜାର ମଧୁବନ ରୋଡର କୋଳଥଳସ୍ଥିତ ଭିଭେଲିଅନ ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ପାଠପଢା ସାଙ୍ଗକୁ ବିଦ୍ୟାର୍ଥୀମାନଙ୍କ ଲୁକାୟିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥାଏ । ଗୋଟିଏ ଶିକ୍ଷା କ୍ୟାଲେଣ୍ଡର ଭିତରେ ପିଲାମାନେ ଅଧ୍ୟୟନ ସାଙ୍ଗକୁ ନାଚ,ଗୀତ, ଚିତ୍ରାଙ୍କନ, ଅଭିନୟ, କ୍ରୀଡା, ବୈଜ୍ଞାନିକ ଚିନ୍ତାଧାରା ଭଳି ଅନେକ ବିଷୟରେ ପିଲାମାନଙ୍କ କେତେ ବିକାଶ ଘଟିଥାଏ ତାକୁ ପରଖିବା ପାଇଁ ବାର୍ଷିକ ଉତ୍ସବ ଏକ ମାଧ୍ୟମ ସାଜିଥାଏ । ବିଦ୍ୟାର୍ଥୀମାନଙ୍କ ବହୁବିଧ ପ୍ରତିଭା ପ୍ରଦର୍ଶନ କରିବାରେ ବାର୍ଷିକୋତ୍ସବ ମଞ୍ଚ ଏକ ବଳିଷ୍ଠ ଉତ୍ସ ସାଜିଥାଏ ବୋଲି ଅତିଥିମାନେ କହିଥିଲେ । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଜିତେନ୍ଦ୍ର କୁମାର କର, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ରିଡର ଅର୍ଥଶାସ୍ତ୍ର କୈଳାସ ଚନ୍ଦ୍ର ସାମଲ, ଅଧ୍ୟାପକ ପ୍ରଶାନ୍ତ କୁମାର ଦ୍ୱିବେଦୀ, ନମିତା ଗିରି, ବିଦ୍ୟାଳୟର ନିର୍ଦ୍ଦେଶକ ସୁବ୍ରତ କୁମାର ସାମଲ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଓ ବିଦ୍ୟାର୍ଥୀମାନଙ୍କ ବିକାଶ କ୍ଷେତ୍ରରେ ଅଭିଭାବକ, ଶିକ୍ଷୟିତ୍ରୀ,ଶିକ୍ଷକ ଓ ପରିଚାଳନା ପରିଷଦ ସଦସ୍ୟମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ଉକ୍ତ ଉତ୍ସବରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷକ ଗଣେଶ ବେହେରା, ସଂଗୀତା ସାହୁ, ସୁବୀର ମହାପାତ୍ର, ସ୍ୱାଗତିକା ପଣ୍ଡା, କଳ୍ପନା ପଣ୍ଡା, ଅମ୍ବିକା ପାଲ, ମନିଷା ଦାଶ, ଶକ୍ତି ପ୍ରସାଦ ନାୟକ, ସସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉନ୍ନତ କଳାନୈପୁଣ୍ୟତା ପ୍ରଦର୍ଶନ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ହରିୟାଣାର ହତ୍ୟା ଅଭିଯୁକ୍ତ ଜଳେଶ୍ୱରରୁ ଗିରଫ

ଜଳେଶ୍ୱର, ୮।୪(ରବିନାରାୟଣ ପାତ୍ର)

ହରିୟାଣା ରାଜ୍ୟର ଏକ ସୁଚିନ୍ତିତ ହାଇପ୍ରୋଫାଇଲ ହତ୍ୟା ମାମଲାରେ ଜଡିତ କେତେକ ବ୍ୟକ୍ତି ଦୀଘା ଓ ଜଳେଶ୍ୱରରେ ଆତ୍ମଗୋପନ କରିଥିବା ଖବର ଜାଣି ହରିୟାଣାରୁ ଏକ ୫ଜଣିଆ ଟିମ୍ ଜଳେଶ୍ୱରରେ ତଦନ୍ତ କରିଥିଲେ । ଶେଷରେ ୬୦ନଂ. ଜାତୀୟ ରାଜପଥରୁ ଏକ ସ୍କର୍ପିଓକୁ ଜବତ କରିବା ସହିତ ଜଣେ ଅଭିଯୁକ୍ତଙ୍କୁ ଧରି ହରିୟାଣା ପୋଲିସ ଫେରିଛି ବୋଲି ଜଳେଶ୍ୱର ଆଇଆଇସି ରଞ୍ଜନ ସେଠୀ ସୂଚନା ଦେଇଛନ୍ତି । ଗତ ମାର୍ଚ୍ଚରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା । ଏହାର ମୁଖ୍ୟ ଅଭିଯୁକ୍ତମାନେ ପଶ୍ଚିମବଙ୍ଗର ୨୪ ପ୍ରଗଣା ଜିଲା ଅଶୋକ ନଗରରେ ଆତ୍ମଗୋପନ କରିଥିବା ହରିୟାଣା ପୋଲିସ୍‌କୁ ଖବର ମିଳିଥିଲା । ଦୀଘା ପୋଲିସ୍ ସହିତ ଯୋଗାଯୋଗ କରୁଥିବା ବେଳେ ଅଭିଯୁକ୍ତମାନେ ଜାଣି ଏକ ସ୍କର୍ପିଓ (ନଂ.ଡବ୍ଲ୍ୟୁବି୩୮–ଏଏକ୍ସ୩୭୫୭) ଯୋଗେ ଖସି ପଳାଇବାକୁ ଚେଷ୍ଟା କରିଥିଲେ । ହରିୟାଣା ପୋଲିସ୍ ଫୋନ ଟ୍ରାକିଂ କରି ଜଳେଶ୍ୱର ପୋଲିସ୍ ସହିତ ସମ୍ପର୍କ ରକ୍ଷା କରି ଜଳେଶ୍ୱର ଥାନା ଇଲାକାର ୬୦ଜାତୀୟ ରାଜପଥ ନିକଟରୁ ସ୍କର୍ପିଓକୁ ଧରିବାରେ ସଫଳ ହୋଇଥିଲା । ସେଥିରେ ଥିବା ୪ଜଣଙ୍କୁ ପଚରାଉଚରା କରି ୩ଜଣଙ୍କ ସମ୍ପୃକ୍ତି ନ ଥିବା ଜାଣି ଛାଡି ଦେଇଥିଲେ । ଜଣେ ଅଭିଯୁକ୍ତଙ୍କୁ ଧରି ହରିୟାଣା ଫେରିଯାଇଥିବା ଜଣାଯାଇଛି ।

## ବ୍ରଜେଶ୍ୱରୀଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ ସାହିତ୍ୟ ସମ୍ମାନ




ବ୍ରଜେଶ୍ୱରୀ ସିଂଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଉଛି ।

ଯାଜପୁରରୋଡ଼,୮।୪ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଭଟିଆ ଗ୍ରାମର ବ୍ରଜେଶ୍ୱରୀ ସିଂଙ୍କୁ ଓଡିଶା ଲେଖିକା ସଂସଦ ପକ୍ଷରୁ ରାମକୃଷ୍ଣ ନନ୍ଦ ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନୀତ କରାଯାଇଛି । ଉପହାର ସ୍ୱରୂପ ତାଙ୍କୁ ୧ହଜାର ଟଙ୍କା, ସମ୍ମାନ ଫଳକ ସହ ଏକ ତୁଳସୀ ଗଛ ପ୍ରଦାନ କରାଯାଇଥିଲା । ବ୍ରଜେଶ୍ୱରୀ ଏକାଧାରରେ ଜଣେ ଶିକ୍ଷାବିତ୍, ସାହିତ୍ୟିକ, କ୍ରୀଡ଼ାବିତ୍ ଓ ଯୋଗ ଶିକ୍ଷକ । ଶିକ୍ଷକତାକୁ ବୃତ୍ତି କରିଥିଲେ ମଧ ପିଲାଟି ଦିନରୁ କବିତା, ଶିଶୁ ସାହିତ୍ୟ ପ୍ରତି ସେ ମନବଳାଇଥିଲେ । ସରକାରୀ ବିଦ୍ୟାଳୟରୁ ଶିକ୍ଷକତା କରି ଅବସର ନେବା ପରେ ମହକଭରା 'ବଉଳଫୁଲ' ନାମକ ଶିଶୁ ସାହିତ୍ୟର ସମ୍ପାଦିକା ଭାବେ ସେ କାମ କରୁଛନ୍ତି । ଏଥିପାଇଁ ସେ ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

# ସରକାରୀ ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗ ନିରଞ୍ଜନ

- ଆବାସ ଯୋଜନା ତାଙ୍କ ପାଇଁ ସ୍ୱପ୍ନ
- ଭିନ୍ନକ୍ଷମ ଭତ୍ତା ବି ମିଳୁନି

ଜେନାପୁର,୮।୪(ଅଶୋକ ଦାସ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ଦିବ୍ୟାଙ୍ଗ ନିରଞ୍ଜନ ରାଉତ (୪୫) ସରକାରୀ ଯୋଜନାରେ ଘର ଓ ଭିନ୍ନକ୍ଷମ ଭତ୍ତା ପାଇବାରେ ବଞ୍ଚିତ ହୋଇଛନ୍ତି । ସେ ଜଣେ ଦିନ ମଜୁରିଆ । ପ୍ରତିଦିନ କାମ କରି ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ଚଳେ । ସ୍ତ୍ରୀ ଓ ଏକ ଝିଅଙ୍କୁ ନେଇ ତାଙ୍କ ତେଲଲୁଣର ସଂସାର । ହେଲେ ସବୁଦିନ ତାଙ୍କୁ କାମ ମିଳେନି । ଅନ୍ୟପକ୍ଷେ ତାଙ୍କ ଦିବ୍ୟାଙ୍ଗ ଶରୀର ବି ଅଧିକାଂଶ ସମୟରେ କାମ କରିବାକୁ ଅମଙ୍ଗ ହୁଏ । ଏପରି ପରିସ୍ଥିତିରେ ସେ ବହୁ କଷ୍ଟରେ ଦିନ କାଟନ୍ତି । ଗୋଟିଏ ଓଳି ଖାଇ ତାଙ୍କ ପରିବାର ସଦସ୍ୟମାନେ ଅନ୍ୟ ଓଳି ଓପାସ ରହିବାକୁ ବାଧ୍ୟ ହୋଇଥାଆନ୍ତି । ଏଭଳି ସ୍ଥିତିରେ ଘର ଖଣ୍ଡେ କରିବା ତାଙ୍କ ପାଇଁ ସ୍ୱପ୍ନ ହୋଇଛି । ଭଙ୍ଗା ଚାଳ ଛପର ଘରେ ବହୁଦିନ ତାଙ୍କ ପରିବାର ମୁଣ୍ଡ ଗୁଞ୍ଜିଥିଲେ । ହେଲେ ସେହି ଘର ଭାଙ୍ଗିପଡିବା ପରେ ଏବେ ନିରଞ୍ଜନଙ୍କ ପରିବାର ପର ଘରେ ଆଶ୍ରୟ ନେଇଛନ୍ତି । ଏ ସଂକ୍ରାନ୍ତରେ ନିରଞ୍ଜନ କୋହ ଭରା କଣ୍ଠରେ କୁହନ୍ତି, ଭଗବାନ ଆମକୁ ସବୁ ଦୁଃଖ ଦେଇଛନ୍ତି । ଅନ୍ୟପାଖରେ ହାତ ପାତି ଚଳିବାକୁ ପଡୁଛି । ମୋର ବାମ ପଟ ଆଖି ଗତ ୧୫ବର୍ଷ ହେବ କୌଣସି କାରଣରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । କାମ କରିବାକୁ ଇଚ୍ଛା ଥିଲେ ମଧ୍ୟ ଭଲ ଭାବେ ଦେଖି ହେଉନି । ଏପରି ପରିସ୍ଥିତିରେ ଖଣ୍ଡେ ପକ୍କା ଘର ଓ ଭତ୍ତା ପାଇଁ ଆମ ସରପଞ୍ଚ ଓ ରାଜନେତାଙ୍କଠାରୁ ଆରମ୍ଭ କରି ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଧାଇଁ ଧାଇଁ ମୁଁ ବିଫଳ ହୋଇଛି । ସତେ ଯେମିତି ଆମ ପରିବାର ପାଇଁ ସରକାରୀ ଯୋଜନା ସ୍ୱପ୍ନ ପାଲଟିଛି । ଏହି ଦିବ୍ୟାଙ୍ଗଙ୍କ ପ୍ରତି ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



ନିଜ କୁଡ଼ିଆ ଘର ଆଗରେ ଦିବ୍ୟାଙ୍ଗ ନିରଞ୍ଜନ ରାଉତ ।

# ଜଙ୍ଗଲ ରାସ୍ତାରେ ଚାଲିଛି ଅବାଧ ଗୋ ଚାଲାଣ



ଜଙ୍ଗଲ ରାସ୍ତା ଦେଇ ଗୋରୁମାନଙ୍କୁ ଚାଲାଣ କରାଯାଉଛି ।

କାଳିଆପାଣି,୮।୪(ଅସିତ ମହାନ୍ତ)

ଦେଶରେ ଗୋ ଚାଲାଣ ବନ୍ଦ ଥିବା ବେଳେ କେତେଜଣ ବ୍ୟବସାୟୀ ନୂଆ ରାସ୍ତାରେ ପ୍ରତିଦିନ ଗୋ ଚାଲାଣ କରୁଛନ୍ତି । ବିଶେଷ କରି ଜଙ୍ଗଲ ରାସ୍ତା ସେମାନଙ୍କ ପାଇଁ ସୁଗମ ପଥ ପାଲଟିଛି । ଶତାଧିକ ଗୋରୁଙ୍କୁ ହାଟ, ଗାଁରୁ କିଣି ମୁଖ୍ୟ ରାସ୍ତାରେ ନେବା ବଦଳରେ ଜଙ୍ଗଲ ଓ ବିଲ ରାସ୍ତାରେ ଚଲାଇ ଚଲାଇ ନେଉଛନ୍ତି । ଏଥିପାଇଁ ଯାଜପୁର, ଢେଙ୍କାନାଳ ଓ କେନ୍ଦୁଝର ଜିଲାର ସୀମାନ୍ତ ରାସ୍ତା ସେମାନଙ୍କ ପାଇଁ ନିରାପଦ ସାବ୍ୟସ୍ତ ହୋଇଛି ।

ସୂଚନା ଅନୁଯାୟୀ, ଶୁକ୍ରବାର ଢେଙ୍କାନାଳ ଜିଲାର ଜିରାଳ ହାଟରୁ ବେପାରୀମାନେ ଗୋରୁ କିଣି ସେଠାରେ ରଖିଥାଆନ୍ତି । ରବିବାର ଜିରାଳରୁ କିଛି ଦୂର ଆଣି ରାତିରେ ରହିଥାନ୍ତି । ତା'ପର ଦିନ ସକାଳୁ ଯାଜପୁର ଜିଲା କାଠପାଳ ଦେଇ କଳରଙ୍ଗୀ ଓଏମ୍‌ସି ଛକ ଜଙ୍ଗଲ ରାସ୍ତାରେ ନଗଡ଼ା ଅଞ୍ଚଳ ପାହାଡ଼ ଚଢ଼ାଇ ଥାଆନ୍ତି । ସେଦିନ ନଗଡ଼ା ପାହାଡ଼ରେ ରହି ପର ଦିନ କେନ୍ଦୁଝର ଜିଲାର ପଳାସପାଳ ଅଞ୍ଚଳକୁ ନେଇ ଥାଆନ୍ତି । ସେହି ରାସ୍ତା ଦେଇ କଲିକତା ଚାଲାଣ କରିଥାନ୍ତି । ସେଠାରୁ ଗୋରୁମାଂସ ବାହାରକୁ ଚାଲାଣ କରାଯାଇଥାଏ ବୋଲି କେତେଜଣ ଗୋରୁ ବେପାରୀ ପ୍ରକାଶ କରିଛନ୍ତି । ଏହି ବେପାରୀମାନେ ଅମାନୁଷିକ ଭାବେ ଗୋରୁମାନଙ୍କୁ ହଳ ହଳ କରି ବାନ୍ଧି ଥାଆନ୍ତି । କେତେକ ସ୍ଥାନରେ ଗୋରୁଙ୍କ ଗୋଡ଼କୁ ଛନ୍ଦି ଚଲାଇ ଚଲାଇ ନେଇଥାଆନ୍ତି । ଖାଦ୍ୟ ଓ ପାଣି ବିନା ଗୋରୁମାନେ ଥକି ପଡ଼ିଲେ ସେମାନଙ୍କୁ ମାଡ଼ ଖାଇବାକୁ ପଡେ । ଏଥିପାଇଁ ଏକାଧିକ ଗୋରୁ ରାସ୍ତାରେ ମରି ପଡ଼ିଥିବା ଦେଖିବାକୁ ମିଳିଥାଏ । ଏପରି ବେଆଇନ ଗୋ ଚାଲାଣ କରାଯାଉଥିଲେ ମଧ୍ୟ ପୋଲିସ ଆଖି ବୁଜି ଦେଉଥିବା ନଜିର ରହିଛି । ଏନେଇ କାଳିଆପାଣି ଥାନା ଅଧିକାରୀ ରଞ୍ଜନ କୁମାର ମଲିକ କୁହନ୍ତି, ଏପରି ବେଆଇନ ଗୋରୁ ଚାଲାଣ ଉପରେ ଆମେ ଅଧିକାଂଶ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଆମ ନଜରରେ ପଡ଼ିଲେ ଆମେ ଆବଶ୍ୟକ ପଦକ୍ଷେପ ନେଇଥାଉ ।

# ମିଳୁନି ବ୍ୟାଙ୍କ ଋଣ, ବିକ୍ରି ହେଉନି ଧାନ

କେନ୍ଦ୍ରାପଡ଼ା, ୮।୪ (ଜଗନ୍ନାଥ ଧଳ)

- କାର୍ଯ୍ୟକାରୀ ହେଉନି ଭାଗ ଚାଷ ଆଇନ
- ଚାଷ ପ୍ରତି ଭାଗଚାଷୀ ବିମୁଖ
- କାଳିଆ, ପ୍ରଧାନମନ୍ତ୍ରୀ କିଷାନ ଯୋଜନାଠୁ ଦୂରରେ

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମାର୍ଚ୍ଚ ୧୧ରେ ରାଜ୍ୟର ୪୬ ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କାଳିଆ ଯୋଜନା ମାଧ୍ୟମରେ ୧୨୯୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ପ୍ରଚଳିତ କୃଷକ ଯୋଜନା, ଓଡ଼ିଶା ପଣସ ମିଶନ, ଓଡ଼ିଶା ମିଲେଟ ମିଶନ ଆଦିରେ ଅର୍ଥ ବ୍ୟୟ ବରାଦ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ଭାଗଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଦୃଢ଼ ମନୋଭାବରେ ଚାଷ କାର୍ଯ୍ୟକୁ ଆଗେଇ ନେଉଥିବା ଏହି ଶ୍ରେଣୀର ଚାଷୀ ଆର୍ଥିକ ଦୁସ୍ଥିତି କାରଣରୁ ଚାଷ ପାଇଁ ବିମୁଖ ହେଉଛନ୍ତି। ଜମି ମାଲିକମାନେ ନିଜକୁ ଚାଷୀ ଦର୍ଶାଇ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଓ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଟଙ୍କା ହାତେଇ ନେଉଥିବା ଅଭିଯୋଗ ହେଉଛି। ସେହିପରି ବ୍ୟାଙ୍କ କର୍ତ୍ତୃପକ୍ଷ ଭାଗଚାଷୀଙ୍କୁ ଋଣ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଭାଗଚାଷୀଙ୍କ ଖରିଫ ହେଉ ଅଥବା ଡାଲୁଅ ଧାନ ବିକ୍ରିରେ ଅସୁବିଧା ସୃଷ୍ଟି ହେଉଛି। ନିଜ ନାମରେ ଜମି ନ ଥିବାରୁ ଅଭାବୀ ଧାନ ବିକ୍ରିର ଶିକାର ଭାଗଚାଷୀ ହେଉଛନ୍ତି। ଏଥିସହ ବ୍ୟାଙ୍କ ଋଣ ମଧ୍ୟ ସେମାନଙ୍କୁ ମିଳୁ ନ ଥିବା ଭାଗଚାଷୀମାନେ ମତ ଦେଇଛନ୍ତି।

କୃଷକ ନେତା ବିଜୟ କୁମାର ପରିଡ଼ା କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ୩ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜମି ମଧ୍ୟରୁ ୭୦ପ୍ରତିଶତ ଭାଗ ଚାଷ ଦ୍ୱାରା ଫସଲ ହୋଇଥାଏ। ଭାଗଚାଷୀ ଜମି ମାଲିକଙ୍କ ନିକଟରୁ ବର୍ଷକ ପାଇଁ ଚାଷଜମି ଲିଜ୍‌ରେ ନେଇଥାନ୍ତି। ଏଥିପାଇଁ ଧାନ ଫସଲରୁ ଅଧା ଓ ରବି ଫସଲରେ ଦୁଇପଞ୍ଚମାଂଶ ଜମି ମାଲିକଙ୍କୁ ଦେବାକୁ ହୋଇଥାଏ। ଲିଜ୍ ନେଇଥିବା ଭାଗଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭକରି ଅଭାବୀ ବିକ୍ରି ପର୍ଯ୍ୟନ୍ତ ଜମି ମାଲିକଙ୍କ କୌଣସି ସହଯୋଗ ନ ଥାଏ। ସେହିପରି ବ୍ୟାଙ୍କ ଋଣ, ଧାନ ବିକ୍ରି ନେଇ ଭାଗଚାଷୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏ ସମ୍ପର୍କରେ ସମବାୟବିତ୍ ଅକ୍ଷୟ ପାଣି କହିଛନ୍ତି, ଜିଲାର ମୋଟ ୧୫ ପ୍ରତିଶତ ନାମମାତ୍ର ଓ କ୍ଷୁଦ୍ରଚାଷୀ ନିଜ କ୍ଷେତରେ ଚାଷ କରୁଥିବା ବେଳେ ଅବଶିଷ୍ଟ ଭାଗଚାଷୀଙ୍କ ଦ୍ୱାରା ସମ୍ପନ୍ନ ହେଉଛି। ଏହି ଭାଗଚାଷୀଙ୍କ ଚିହ୍ନଟୀକରଣ ଅଦ୍ୟାବଧି ହୋଇନାହିଁ। ଫଳରେ ବ୍ୟାଙ୍କଋଣ, ଫସଲବୀମାଠାରୁ ଆରମ୍ଭକରି କୃଷକ ଉନ୍ନୟନ ଯୋଜନାରେ ସେମାନେ ସାମିଲ ହୋଇ ପାରୁନାହାନ୍ତି। ଏଥିପାଇଁ ପ୍ରଥମେ ଭାଗଚାଷୀ ଚିହ୍ନଟୀକରଣର ଆବଶ୍ୟକତା ଅଛି। କେନ୍ଦ୍ରାପଡ଼ା ଜିଲା ଚାଷୀ ଓ ଶ୍ରମିକ ସଂଘର ସଭାପତି ଗୟାଧର ଧଳ କହିଛନ୍ତି, ୨୦୧୫ ମସିହାରେ ଭାଗଚାଷୀ ଚିହ୍ନଟୀକରଣ ପାଇଁ ରାଜ୍ୟ ସରକାର ଏକ ବୈଠକ କରିଥିଲେ। ଏଥିରେ ଜିଲାସ୍ତରୀୟ କୃଷି ଯୋଜନା ସହ ଅନ୍ୟ ସାମାଜିକ ସୁରକ୍ଷା ଯୋଜନାରେ ଭାଗଚାଷୀଙ୍କ ଭାଗୀଦାରି ରହିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଇତିମଧ୍ୟରେ ୮ ବର୍ଷ ବିତିଥିଲେ ମଧ୍ୟ ଏ ନେଇ କୌଣସି ଅଗ୍ରଗତି ହୋଇନାହିଁ। କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରର ଜମି ମାଲିକ ତ୍ରିଲୋଚନ ଜେନା କହିଛନ୍ତି, ଭାଗଚାଷୀଙ୍କୁ ଆଇନଗତ ଭାବେ ସ୍ୱୀକୃତି ଦେବା ପାଇଁ କେତେକ ପ୍ରତିବନ୍ଧକ ଅଛି। ଭାଗଚାଷର ଲିଜ୍ ସମ୍ପର୍କରେ ଚୁକ୍ତିପତ୍ର କେତେବର୍ଷ ପାଇଁ ହେବ, ଜମି ମାଲିକ ଭାବେ ଟଙ୍କା ଅଥବା ଫସଲର ଭାଗ କେତେ ପାଇବେ ଆଦିର ତର୍ଜମା ହେବା ଆବଶ୍ୟକ। ଭାଗଚାଷୀ ଆଇନ ଆସିଲେ କୃଷି ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବ। ଏହାସତ୍ତ୍ୱେ ଜମିର ସ୍ୱତ୍ୱ ସୁରକ୍ଷା ଏକ ପ୍ରଶ୍ନବାଚୀ ସୃଷ୍ଟିହେବ ବୋଲି ସେ ପ୍ରକାଶ କରିଛନ୍ତି। ମହାକାଳପଡ଼ାର ଚାଷୀ ସତ୍ୟବ୍ରତ ସେନାପତି କହିଛନ୍ତି, ଜମି ହେଉଛି ପାରିବାରିକ ସମ୍ପତ୍ତି। ଆପଦ ବିପଦର ସାହା ଭରସା। ଏଥିପାଇଁ ଜମି ଖର୍ଦ୍ଦି କରାଯାଇଥାଏ। ଭାଗଚାଷୀଙ୍କୁ ଆଇନଗତ ଭାବେ ଲିଜ୍ ଦେବା ପରେ ଆବଶ୍ୟକ ସମୟରେ ବିକ୍ରି ଓ ପାରିବାରିକ ଭାଗରେ ସମସ୍ୟା ସୃଷ୍ଟି ହେବ। ମାର୍ଶାଘାଇ ବ୍ଲକ ଦୁମୁକା ଗ୍ରାମର ଅମିୟ ବେହେରା କହିଛନ୍ତି, ଅଭାବୀ ବିକ୍ରି, ପ୍ରାକୃତିକ ବିପର୍ଯ୍ୟୟରେ ସହାୟତା, ସରକାରୀ ପ୍ରୋତ୍ସାହନ ନ ମିଳିବାରୁ ଭାଗଚାଷୀ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି।



ଟ୍ରଫି ସହ ଚାମ୍ପିୟନ ସନ୍ଥପୁରା ଟିମ୍‌ର ଖେଳାଳିମାନେ।

# ଦକ୍ଷିଣା ପ୍ରିମିୟର ଲିଗ୍: ସନ୍ଥପୁରା ଟିମ୍ ଚାମ୍ପିୟନ

କେନ୍ଦ୍ରାପଡ଼ା,୮।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଚଉଦକୁଲାଟସ୍ଥ ବାବା ମାଣିକେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ଦକ୍ଷିଣା ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ ରବିବାର ହୋଇଯାଇଛି। ମାଣିକେଶ୍ୱର କ୍ରିକେଟ ପଡ଼ିଆରେ ଅନୁଷ୍ଠିତ ଏହି ଦୁଇଦିନିଆ ଦିବାରାତ୍ର ପ୍ରତିଯୋଗିତାରେ ସନ୍ଥପୁରା କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ମ୍ୟାଚ ସନ୍ଥପୁରା ଓ ନିକିରାଇ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିକିରାଇ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫୫ ରନ୍ ସଂଗ୍ରହ କରିଥିଲା। ଜବାବରେ ସନ୍ଥପୁରା ଟିମ୍ ମାତ୍ର ୩ ଓଭର ମଧ୍ୟରେ ଏହି ରନ୍‌କୁ ଅତିକ୍ରମକରି ବିଜୟୀ ହୋଇଥିଲା। ଏହି ଲିଗ୍‌ରେ ଜିଲା ଓ ଜିଲା ବାହାରର ୧୬ ଟିମ୍ ଭାଗନେଇଥିଲେ। ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଦ୍ୱିତୀୟ ଟିମ୍‌କୁ ରନର୍ସ ଅପ୍ କପ୍ ପ୍ରଦାନ କରାଯାଇଥିଲା। ଏଥିସହ ଦେବାଶିଷ ପାଟଶାଣୀଙ୍କୁ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ଓ ଚେତନ ଏଲମୀଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚରେ ସମ୍ମାନିତ କରାଯାଇଥିଲା। ଏହି ପ୍ରିମିୟର ଲିଗ୍‌କୁ ମାଣିକେଶ୍ୱର କ୍ରିକେଟ କ୍ଲବ ସଦସ୍ୟମାନେ ପରିଚାଳନା କରିଥିଲେ।

# କାଉପଡ଼ାରେ ପାନୀୟ ଜଳର ଉତ୍କଟ ଅଭାବ


ଟାଙ୍କି ଥାଇ ପାଣି ଆସୁନାହିଁ।


ଷ୍ଟାଣ୍ଡପୋଷ୍ଟକୁ ପାଣି ଆସୁ ନ ଥିବାରୁ ଶୁଖିଲା ପଡିଛି।

ଡେରାବିଶ,୮।୪ (ବେବର୍ତ୍ତା ଅଜୟ ଦାସ)

## ଜିଲାପାଳଙ୍କୁ ଭେଟିଲେ ଗୋବର୍ଦ୍ଧନପୁର ଗ୍ରାମବାସୀ

ଦିନକୁଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ପାଣିର ଉତ୍କଟ ସମସ୍ୟା ସାଧାରଣ ଲୋକଙ୍କୁ ଅତିଷ୍ଠ କରିବାରେ ଲାଗିଛି। ଏଭଳି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ। ବ୍ଲକ ଅଧୀନ କାଉପଡ଼ା ପଞ୍ଚାୟତ ଗୋବର୍ଦ୍ଧନପୁର ୧୩ ନଂ. ୱାର୍ଡର ଅଧିବାସୀ ପାନୀୟ ଜଳ ପାଇଁ ସମସ୍ୟା ଘେରରେ ଥିବାବେଳେ ସୋମବାର ଜିଲାପାଳଙ୍କୁ ଭେଟି ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟାରୁ ମୁକ୍ତି ପାଇବାକୁ ସରପଞ୍ଚଙ୍କୁ ଗୁହାରି କରିବା ପରେ ଗ୍ରାମରେ ଗୋଟିଏ ନଳକୂପ ସ୍ଥାପନ କରାଯାଇଥିଲା। ମାତ୍ର ଜଳସ୍ତର ଦିନକୁଦିନ ହ୍ରାସ ପାଉଥିବାରୁ ନଳକୂପରୁ ପାଣି ବାହାରୁ ନାହିଁ। ଅନ୍ୟପକ୍ଷରେ ପାଇପ ଯୋଗେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ସରପଞ୍ଚ, ବିଡିଓ ଓ କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରି ମଧ୍ୟ ଗ୍ରାମବାସୀ ବିଫଳ ହୋଇଛନ୍ତି। ବର୍ତ୍ତମାନ ତାପମାତ୍ରା ଅଧିକ ବୃଦ୍ଧି ପାଇଥିବା ବେଳେ ଏହି ୱାର୍ଡର ୫୦ରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳ ଟିକିଏ ପାଇଁ ଚିନ୍ତାରେ ପଡ଼ିଛନ୍ତି। ଗ୍ରାମବାସୀଙ୍କୁ ତୁରନ୍ତ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ତୁରନ୍ତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଡେରାବିଶ ବ୍ଲକ ବିଭାଗୀୟ ଯନ୍ତ୍ରୀ ବିଭୁଦତ୍ତ ଦାସଙ୍କୁ ପଚାରିବାରୁ ଏହି ଗ୍ରାମକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

## ନାବାଳିକା ବଳାତ୍କାର ମାମଲା
# ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୮।୪(ମାନସ ବିଶ୍ୱାଳ)

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ସୋମବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ୭ବର୍ଷର ନାବାଳିକା ଘର ନିକଟସ୍ଥ ଅଜୟ ବେହେରା(୩୨)ଙ୍କ ଦୋକାନକୁ ଚକୋଲେଟ୍ ଓ ଚିପ୍‌ସ ଆଣିବାକୁ ଯାଇଥିଲେ। ଦୋକାନୀ ଜଣକ ନାବାଳିକାଙ୍କୁ ଏକୁଟିଆ ପାଇ ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଜଣକ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜିବାକୁ ଯାଇ ଦୋକାନରେ ପହଞ୍ଚିଥିଲେ। ନାବାଳିକା ଜଣକ କାନ୍ଦି କାନ୍ଦି ସମସ୍ତ ଘଟଣା କହିଥିଲେ। ପରିବାର ଲୋକେ ଗ୍ରାମଲୋକଙ୍କୁ ଜଣାଇଥିଲେ। ପରେ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଗତ ୨୦୨୩ ମେ' ୩୦ ତାରିଖରେ ଖନ୍ତାପଡ଼ା ଥାନାରେ ମାମଲା (ନଂ.୧୨୯/୨୩) ରୁଜୁ କରାଯାଇଥିଲା। ଉକ୍ତ ମାମଲାକୁ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାର କରିଥିଲେ। ୧୭ ଜଣ ସାକ୍ଷୀ ଏବଂ ୧୮ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ଅଜୟଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଥିଲେ। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଯୋଗାଇଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟରେ ବିଭୋର ଦର୍ଶକ

ଡେରାବିଶ,୮।୪ (ବେବର୍ତ୍ତା ଅଜୟ ଦାସ)

## କେନ୍ଦ୍ରାପଡ଼ା ସଂସ୍କୃତିକୁ ଋଦ୍ଧିମନ୍ତ କରିଛି ଇନ୍ଦୁପୁର ମହୋତ୍ସବ

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରସ୍ଥିତ ବରୂପା ନଦୀ ପଠାରେ ଚାଲିଥିବା ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଇନ୍ଦୁପୁର ପାଏଲ ମ୍ୟୁଜିକ ସ୍କୁଲର କଳାକାରମାନଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ଏହି ଅବସରରେ ଅନୁଷ୍ଠିତ ସାରସ୍ୱତ ସମାବେଶରେ ଶିକ୍ଷାବିତ ପ୍ରମୋଦ କୁମାର ପତି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ଜିଲା ପରିଷଦ ସଭାପତି ମାନସ ଚନ୍ଦ୍ର ପରିଡ଼ା, ସମ୍ମାନିତ ଅତିଥି ଭାବେ କାଳୁଚନ୍ଦ୍ର ହାଜରା ଯୋଗ ଦେଇ କେନ୍ଦ୍ରାପଡ଼ା ଜିଲାର ଐତିହ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାରେ ଇନ୍ଦୁପୁର ମହୋତ୍ସବ ସହାୟକ ହୋଇଥିବା ଆଲୋକପାତ କରିଥିଲେ। ମହୋତ୍ସବର କମିଟିର ସଭାପତି ତଥା ଇନ୍ଦୁପୁର ସରପଞ୍ଚ ପ୍ରଦୀପ ରଞ୍ଜନ ସୁତାର ସ୍ୱାଗତ ଭାଷଣ ଦେଇଥିଲେ। ଚିତ୍ତ ରଞ୍ଜନ ରାଉତ ଅତିଥି ପରିଚୟ ଓ ସମ୍ପାଦକ ଦୁଷ୍ମନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଗର କୁମାର ଜେନା, ପ୍ରକାଶ କୁମାର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିସହ ଇନ୍ଦୁପୁର ବାରୁଣୀ ଯାତ୍ରା ଲାଗି ପଡିଥିବା ବିଭିନ୍ନ ଦୋକାନରେ ଗ୍ରାହକଙ୍କ ଗହଳି ପରିଲକ୍ଷିତ ହୋଇଥିଲା। ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ବିଭିନ୍ନ ମନୋହରି ଜିନିଷ କିଣୁଥିବା ଦେଖିବାକୁ ମିଳିଥିଲା। ଆସିଥିବା ଲୋକମାନେ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ଯାତ୍ରା ପଡିଆ ବୁଲି ଘରକରଣ ସାମଗ୍ରୀ କିଣି ଘରକୁ ନେଉଥିବା ଦେଖିବାକୁ ମିଳିଛି।


କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ।


ଲୋକେ ଜଣେ ବ୍ୟକ୍ତିଙ୍କଠାରୁ ଟୋକେଇ, ଡାଲା କିଣିବାକୁ ଗହଳି କରିଛନ୍ତି।

# ଶ୍ରୀରାମ ନବମୀ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଧର୍ମରକ୍ଷା ସେନାର କର୍ମକର୍ତ୍ତା ଓ ଅନ୍ୟମାନେ ।

ରାଜକନିକା,୮।୪(ରବୀନ୍ଦ୍ର କୁମାର ଦାସ)

ରାଜକନିକା ଧର୍ମରକ୍ଷା ସେନା ପକ୍ଷରୁ ଛଦେଶ ଦୁର୍ଗାମନ୍ଦିର ପ୍ରାଙ୍ଗଣରେ ଆସନ୍ତା ୧୭ ତାରିଖରେ ହେବାକୁ ଥିବା ରାମ ନବମୀ ପାଇଁ ରଜତ ଦାଶଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ତାରିଖରେ ହିନ୍ଦୁ ନବବର୍ଷ ପାଳନବେଳେ କିପରି ଜନ ଜାଗରଣ ହୋଇପାରିବ ସେ ଦିଗରେ ଆଲୋଚନା କରାଯାଇଥିଲା। ଧର୍ମ ଜାଗରଣ ସମିତି ପ୍ରଶାସନିକ ପ୍ରମୁଖ ଉମେଶ ଦାସ, କେନ୍ଦ୍ରାପଡ଼ା ଜିଲା ଧର୍ମରକ୍ଷା ସେନାର ସଂଯୋଜକ ମଣ୍ଟୁ ଭାଇ, ସନ୍ତୋଷ କର, ଅବସରପ୍ରାପ୍ତ ସେନାର ତପନ ଭାଇ, କନିକାର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଧର୍ମରକ୍ଷା ସେନାର ସଦସ୍ୟ ବକ୍ତବ୍ୟ ମାଧ୍ୟମରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ସୋମ୍ୟ ରଞ୍ଜନ ନାୟକ, ଦିଲୀପ ପରିଡ଼ା, ତପନ ପଣ୍ଡା, ଜଗନ୍ନାଥ ସାମଲ, ସୁରଜ କୁମାର ବେହେରା, ସୋମନାଥ କର, ବିଶ୍ୱଜିତ ନାୟକଙ୍କ ସମେତ ଧର୍ମରକ୍ଷା ସେନାର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# ସରକାରୀ ଅଙ୍କୁଶ ନାହିଁ: ଗଢ଼ିଉଠୁଛି କୋଚିଂ ସେଣ୍ଟର

ପଟ୍ଟାମୁଣ୍ଡାଇ, ୮।୪ (କଳ୍ପତରୁ ନାୟକ)

- ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ବାଧାପ୍ରାପ୍ତ
- ସରକାରୀ ନିୟମକୁ ଉଲ୍ଲଂଘନ କରୁଛନ୍ତି ସରକାରୀ ଶିକ୍ଷକ, ଅଧ୍ୟାପକ



ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସରକାରୀ ଶିକ୍ଷକ ବା ଅଧ୍ୟାପକ ବେସରକାରୀ ଭାବେ ଶିକ୍ଷାଦାନ କରିପାରିବେ ନାହିଁ ବୋଲି ସରକାରୀ ନିର୍ଦ୍ଦେଶନାମା ରହିଛି। ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରେ ସରକାରୀ ଶିକ୍ଷକ, ଅଧ୍ୟାପକମାନେ ସରକାରୀ ନିୟମର ଖୋଲା ଉଲ୍ଲଂଘନ କରି ବେସରକାରୀ ଟ୍ୟୁସନ୍ ଓ କୋଚିଂ ସେଣ୍ଟରରେ ଶିକ୍ଷାଦାନ କରୁଛନ୍ତି। ଯାହାକୁ ନେଇ ବିଭିନ୍ନ ସ୍ଥାନରେ ଟ୍ୟୁସନ୍, ଶତାଧିକ କୋଚିଂ ସେଣ୍ଟର ଓ ଟ୍ୟୁଟୋରିଆଲ ଆଦି ଅବାଧରେ ଚାଲିଛି। ଏହାଦ୍ୱାରା ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ମାନବ ଅଧିକାର କର୍ମୀ ସୁଶାନ୍ତ କୁମାର ଧଳ କହିଛନ୍ତି, ପଟ୍ଟାମୁଣ୍ଡାଇ ସହରରେ ୧୦ରୁ ଅଧିକ କୋଚିଂ ସେଣ୍ଟର, ଟ୍ୟୁଟୋରିଆ ଚାଲିଛି। ଏଗୁଡ଼ିକରେ ଅଧିକାଂଶ ସରକାରୀ ଶିକ୍ଷକ ଓ ଅଧ୍ୟାପକ ଶିକ୍ଷାଦାନ କରୁଛନ୍ତି। ବଡ଼ କଥା ହେଲା କେତେକ ସେଣ୍ଟର ମାଲିକ ମଧ୍ୟ ନିଜେ ସରକାରୀ ଶିକ୍ଷକ ଅଛନ୍ତି। ବିଦ୍ୟାଳୟ ସମୟ ପୂର୍ବରୁ ଏବଂ ପରେ ଏହି ସରକାରୀ ଶିକ୍ଷକମାନେ କୋଚିଂ ସେଣ୍ଟର ଓ ଟ୍ୟୁଟୋରିଆଲରେ ଶିକ୍ଷାଦାନ କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ଏଭଳି କେବଳ ପଟ୍ଟାମୁଣ୍ଡାଇରେ ନୁହେଁ, ସାରା ଜିଲାରେ ଦେଖିବାକୁ ମିଳୁଛି। ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କ କୋଚିଂ ସେଣ୍ଟରରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଅଧିକ ମାର୍କ ଦିଆଯାଇଥିବା ବେଳେ ଅନ୍ୟ ଛାତ୍ରୀଛାତ୍ରଙ୍କୁ ଜାଣିଶୁଣି କମ୍ ମାର୍କ ଦିଆଯାଉଛି ବୋଲି ଅଭିଯୋଗ ମଧ୍ୟ ହେଉଛି। ଅଭିଭାବକ ମହାସଂଘ ଜିଲା ସମ୍ପାଦକ ନରେନ୍ଦ୍ର ଧଳ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚାଲିଥିବା ଘରୋଇ କୋଚିଂ ସେଣ୍ଟରଗୁଡ଼ିକରେ କଲେଜ ଛାତ୍ରୀଛାତ୍ରମାନଙ୍କୁ ଟ୍ୟୁସନ କରିବାକୁ ବାଧ କରାଯାଉଥିବା ବହୁବାର ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ରହିଥିବା ଘରୋଇ କୋଚିଂ ସେଣ୍ଟର ତଥା ଶିକ୍ଷାନୁଷ୍ଠାନଗୁଡ଼ିକ ବେଆଇନ ଭାବେ ବିନା ପଞ୍ଜୀକୃତରେ ଆର୍ଥିକ କାରବାର ହେଉଥିବା ବେଳେ ସେସବୁରେ ଅଙ୍କୁଶ ଲାଗୁନାହିଁ। ଘରୋଇ କୋଚିଂ ସେଣ୍ଟରଗୁଡ଼ିକ ଚାଲୁଥିବା ବେଳେ ସେସବୁରେ ନିୟମିତ ଶିକ୍ଷା ବିଭାଗ ପକ୍ଷରୁ ଚଢ଼ାଉ ହେଉ ନ ଥିବାରୁ କଲେଜରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ଉପରେ ଚାପ ବଢୁଛି ବୋଲି ଆଲୋଚନା ହେଉଛି। ଏପରିକି ଯୁକ୍ତ ୨ କଳା ଏବଂ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରମାନଙ୍କଠାରୁ ମାସିକ ଏକରୁ ଦେଢ଼ ହଜାର ଟଙ୍କା ଯାଏ ଟ୍ୟୁସନ୍ ଫି' ସଂଗ୍ରହ କରାଯାଉଛି। ୨ ବର୍ଷରେ ଅଭିଭାବକମାନେ ଅନ୍ୟ ଖର୍ଚ୍ଚ ସମେତ ୩୦ରୁ ୫୦ ହଜାର ଟଙ୍କା ଯାଏ ଫି' ବାବଦକୁ ପୈଠ କରିଥାନ୍ତି। ସେହିପରି ଆବଶ୍ୟକ ସରଞ୍ଜାମ ଏବଂ ଭିତ୍ତିଭୂମି ନ ଥାଇ ବିପଜ୍ଜନକ ସ୍ଥିତିରେ ଏହି ବେଆଇନ କୋଚିଂ ସେଣ୍ଟରଗୁଡିକ ଜନବସତି ମଧ୍ୟରେ ଚାଲିଛି। ସରକାରୀ ଶିକ୍ଷକ, ଅଧ୍ୟାପକମାନଙ୍କ ନିୟୋଜିତ ପ୍ରସଙ୍ଗକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ସରକାରୀ ଶିକ୍ଷାନୁଷ୍ଠାନରେ ତାଲିମପ୍ରାପ୍ତ ଶିକ୍ଷକ, ଅଧ୍ୟାପକ ଅଛନ୍ତି। କିନ୍ତୁ ଶିକ୍ଷାଦାନ ପ୍ରତି ଆନ୍ତରିକତା ରହୁନି। ନୂଆକୌଶଳରେ ଶିକ୍ଷାଦାନ ପାଇଁ ପ୍ରସ୍ତୁତ ହେବା ତ ଦୂରର କଥା ପିଲାମାନଙ୍କ ଭବିଷ୍ୟତ ପ୍ରତି ଚିନ୍ତିତ ରହୁନାହାନ୍ତି। ଯେଉଁ କାରଣରୁ ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ବେସରକାରୀ ଶିକ୍ଷାନୁଷ୍ଠାନ ନେବାକୁ ବାଧ ହେଉଛନ୍ତି। ସରକାରୀ ଶିକ୍ଷାନୁଷ୍ଠାନରେ ମାଟ୍ରିକ ପାସ୍ କଲେ ଡାକ୍ତରୀ, ଇଞ୍ଜିନିୟରିଂ ଆଦିରେ ନାମ ଲେଖାଇବା ପାଇଁ ୧୫% ସଂରକ୍ଷଣ ରହିଛି। ତଥାପି ସରକାରୀ ଅପେକ୍ଷା ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରତି ଚାହିଦା ବଢୁଛି। ଅପରପକ୍ଷେ ସରକାରୀ ଶିକ୍ଷକମାନେ ପିଲାମାନଙ୍କୁ ଟ୍ୟୁସନ୍, କୋଚିଂ ସେଣ୍ଟର, ଟ୍ୟୁଟୋରିଆଲମୁହାଁ କରାଇ ମୋଟା ଅଙ୍କର ଅର୍ଥ ଦାବି କରୁଛନ୍ତି। ଏପରିକି ପରୀକ୍ଷାରେ ଭଲ ନମ୍ବର ଆଣିବାକୁ ହେଲେ ଏହାର ଆବଶ୍ୟକତା ରହିଛି ବୋଲି କହି ସେମାନେ ପିଲାମାନଙ୍କୁ ପ୍ରଭାବିତ କରୁଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ, କୌଣସି ସରକାରୀ ଶିକ୍ଷୟିତ୍ରୀଶିକ୍ଷକ ଓ ଅଧ୍ୟାପିକାଅଧ୍ୟାପକ ବେସରକାରୀ ଅନୁଷ୍ଠାନ ସହ ଜଡିତ ରହିପାରିବେ ନାହିଁ। ସରକାରୀ ଶିକ୍ଷାନୁଷ୍ଠାନର ସମୟ ପରେ ଏପରି କି ଛୁଟି ଦିନରେ ମଧ୍ୟ ଟ୍ୟୁସନ୍ କିମ୍ବା ଟ୍ୟୁଟୋରିଆଲ କ୍ଲାସ୍ କରିପାରିବେ ନାହିଁ। ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏହାର ଉଲ୍ଲଂଘନ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଥଙ୍କୁ ପଚାରିବାରେ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ଯଦି ପଟ୍ଟାମୁଣ୍ଡାଇ ଅଞ୍ଚଳରେ କେହି ସରକାରୀ ଶିକ୍ଷକ, ଅଧ୍ୟାପକ କୋଚିଂ ସେଣ୍ଟର ଚଳାଉଥିବେ ସେମାନଙ୍କୁ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଦୁର୍ନୀତି, ହରିଲୁଟକୁ ଅସ୍ତ୍ର କରୁଛି ବିରୋଧୀ

ଯାଜପୁର,୮।୪(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ଠିକାଦାରି ରାଜନୀତି, ଦୁର୍ନୀତି ଓ ଲଘୁ ଖଣିଜ ଦ୍ରବ୍ୟ ଲୁଟ ଆଦି ପ୍ରସଙ୍ଗରେ ନିର୍ବାଚନ ନେତାମାନଙ୍କ ପ୍ରତି ଆକ୍ରୋଶ ରହିଛି। ବିଶେଷକରି ୨୦୧୪ ସାଧାରଣ ନିର୍ବାଚନ ପରେ ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀରେ କଳାପଥର ଲୁଟ ଓ ଦୁର୍ନୀତି ଅଣାୟତ୍ତ ହୋଇଛି। ଫଳରେ ୨୦୧୪ ତୁଳନାରେ ୨୦୧୯ରେ ବିଜେଡି ୭୮୭୭ ଭୋଟ ହରାଇଥିବାବେଳେ ବିରୋଧୀ ଭାଜପାର ଭୋଟ ୧୯,୯୪୦ରୁ ୪୮,୬୨୫କୁ ବୃଦ୍ଧି ପାଇଥିଲା। ଏହାକୁ ନେଇ ଭାଜପା ଏଥର ସ୍ୱତନ୍ତ୍ର ରଣନୀତି କରୁଥିବା ସୂଚନା ମିଳିଛି।

ଧର୍ମଶାଳା ଆସନରେ ୧୯୯୦ରୁ ଜନତା ଦଳ ଏବଂ ୨୦୦୦ ମସିହାରୁ ବିଜେଡିରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ୧୯୯୫ରେ କଳ୍ପତରୁ ଦାସ ଜନତା ଦଳରୁ ନିର୍ବାଚିତ ହେବା ପରେ ସେ ଆଉ ପଛକୁ ଫେରି ନ ଥିଲେ। ବିଜେଡି ଗଠନ ହେବା ପରେ କଳ୍ପତରୁ ଜଣେ ପ୍ରଭାବଶାଳୀ ନେତା ଭାବେ ରାଜ୍ୟରେ ପରିଚିତ ଥିଲେ। ସେ ୧୯୯୫ରେ ଜନତା ଦଳ ଓ

## ଧର୍ମଶାଳା ବିଧାନସଭା ଆସନ


ସ୍ମୃତିରେଖା ପହି


ହିମାଂଶୁ ଶେଖର ସାହୁ


ପ୍ରଣବ କୁମାର ବଳବନ୍ତରାୟ

୨୦୦୦ରୁ ୨୦୧୪ ପର୍ଯ୍ୟନ୍ତ ବିଜେଡିରୁ ନିର୍ବାଚିତ ହୋଇ ବିଭିନ୍ନ ମନ୍ତ୍ରୀପଦରେ ଅଳଙ୍କୃତ ହୋଇଥିଲେ। ସେହି ସମୟରେ ଧର୍ମଶାଳା ନିର୍ବାଚନ କ୍ଷେତ୍ରର ଗମନାଗମନ ସମେତ କେତେକ ବିକାଶ ହୋଇଛି ସତ, ହେଲେ ସେହି ପରିମାଣର ଦୁର୍ନୀତିକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଇଥିବା ବିରୋଧୀ ଅଭିଯୋଗ କରିଆସୁଛନ୍ତି।

ଧର୍ମଶାଳା ବ୍ଲକର ସମସ୍ତ ପଞ୍ଚାୟତ ସମେତ ରସୁଲପୁର ବ୍ଲକର ୯ ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନ କ୍ଷେତ୍ରରେ ବିରୋଧୀ ନେତାମାନେ ଏବେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍‌କୁ ଅସ୍ତ୍ର ଭାବେ ଗ୍ରହଣ କରିଛନ୍ତି। ୨୦୧୪ ନିର୍ବାଚନରେ କଳ୍ପତରୁଙ୍କୁ ରାଜ୍ୟ ସଭା ପଠାଯିବା ପରେ ତାଙ୍କ ପୁଅ ପ୍ରଣବ କୁମାର ବଳବନ୍ତରାୟ(ଜିତୁ)ଙ୍କୁ ବିଜେଡିରୁ ଟିକେଟ ମିଳିଥିଲା। ସେ କଂଗ୍ରେସ ପ୍ରାର୍ଥୀ ଶ୍ରୀନାଥ ମିଶ୍ରଙ୍କୁ ୮୫,୭୮୬ ଭୋଟ ବ୍ୟବଧାନରେ ପରାସ୍ତ କରି ପ୍ରଥମଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତେବେ ଏଥିରେ ତାଙ୍କ ବାପା କଳ୍ପତରୁ ଦାସଙ୍କ ବିଶେଷ ଭୂମିକା ରହିଥିଲା। କିନ୍ତୁ କଳ୍ପତରୁଙ୍କ ମୃତ୍ୟୁ ପରେ ସ୍ଥିତି ସମ୍ପୂର୍ଣ୍ଣ ଓଲଟା ହୋଇଯାଇଥିଲା। ୨୦୧୯ ନିର୍ବାଚନରେ ପ୍ରଣବଙ୍କ ଭୋଟହାର ହ୍ରାସ ପାଇଥିଲା। ଏହାବାଦ ବିରୋଧୀ ଭାଜପା ଏଠାରେ ଦ୍ୱିତୀୟ ସୁଦୃଢ଼ ଦଳ ଭାବେ ଉଭା ହୋଇଥିଲା। ପ୍ରଣବ ଦୁର୍ନୀତିକୁ କେବେ ବି ପ୍ରଶ୍ରୟ ଦେଉ ନ ଥିବା କୁହନ୍ତି। ଆଇନ ତା' ବାଟରେ ଯାଇଛି। ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଜନସାଧାରଣ ତାଙ୍କ ପ୍ରତି ଅତୁଟ ସମର୍ଥନ ରଖିଛନ୍ତି ବୋଲି ସେ କହୁଛନ୍ତି। ଗତ ଜନ ସମ୍ପର୍କ ପଦଯାତ୍ରାରେ ସେ ନିର୍ବାଚନମଣ୍ଡଳୀର ପ୍ରାୟ ସମସ୍ତ ଗ୍ରାମକୁ ଚାଲି ଚାଲି ଯାଇ ଲୋକଙ୍କ ସହ ଯୋଡ଼ି ହେବାକୁ ଉଦ୍ୟମ କରିଛନ୍ତି।

ଅନ୍ୟପକ୍ଷରେ ୨୦୧୯ରେ ଏଠାରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସ୍ମୃତିରେଖା ପହିଙ୍କୁ ଭାଜପା ଟିକେଟ ମିଳିବା ପରେ ଦଳର ଅନ୍ୟତମ ଆଶାୟୀ ହିମାଂଶୁ ଶେଖର ସାହୁଙ୍କ ଗୋଷ୍ଠୀ ଅସନ୍ତୁଷ୍ଟ ହୋଇ ରାଜଧାନୀରେ ଆନ୍ଦୋଳନ କରିଛନ୍ତି। ଏହା ବିଜେଡି ପାଇଁ ଶୁଭ ସଙ୍କେତ ବୋଲି ଆଲୋଚନା ହେଉଛି।

କଂଗ୍ରେସ ଦଳ ସଜାଡ଼ିବାରେ ଲାଗିଛି। ୧୯୯୦ରୁ ଏହି କ୍ଷେତ୍ର ଅଣକଂଗ୍ରେସ ଗଡ଼ ମାନ୍ୟତା ପାଇଛି। ତଥାପି କଂଗ୍ରେସ ଏଠାରେ ଆଶା ଛାଡ଼ ନାହିଁ। କଂଗ୍ରେସ ପ୍ରାର୍ଥୀ ହେବାକୁ ନେତାଙ୍କ ଲମ୍ବାଧାଡ଼ି ଲାଗିଛି। ନୂଆ ପୁରୁଣା ବିବାଦ ଲାଗି ରହିଥିଲେ ହେଁ ଏଠାରେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାରେ ଭାଜପା ବହୁ ଆଗରେ ରହିଛି। ବେଆଇନ କଳାପଥର ଲୁଟ, ବ୍ଲାକରୋଜ୍ ବୁଡ଼ିବା ଘଟଣା ଆଦି ଦୁର୍ନୀତିକୁ ନେଇ ଭାଜପା ପକ୍ଷରୁ ସିବିଆଇ, ହାଇକୋର୍ଟ ଓ ଗ୍ରୀନ୍ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଛି। ତେବେ ଦୁର୍ନୀତିକୁ ପ୍ରସଙ୍ଗ କରି ଲଢୁଥିବା ଭାଜପା ଏହି ନିର୍ବାଚନମଣ୍ଡଳୀରେ କେତେଦୂର ସଫଳ ହେବ ତାହା ଜୁନ୍ ୪ ତାରିଖରେ ସ୍ପଷ୍ଟ ହୋଇଯିବ।

# ଜମିବାଡ଼ି ବିବାଦକୁ କେନ୍ଦ୍ର କରି ମାରପିଟ୍ ଘଟଣା, ୪ ଗିରଫ

ଧର୍ମଶାଳା,୮।୪ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅଭୟପୁର ପଞ୍ଚାୟତ ଦିଗାମ୍ବରପୁର ଗ୍ରାମରେ ରବିବାର ଜମିବାଡ଼ି ବିବାଦକୁ କେନ୍ଦ୍ର କରି ସଙ୍ଗଠିତ ମାରପିଟ୍ ଘଟଣାରେ ପୋଲିସ ଉଭୟ ପକ୍ଷରୁ ୪ ଜଣଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଦିଗାମ୍ବରପୁର ଗ୍ରାମର ଶଶା ଖଟୁଆ ୨ ମହିଳାଙ୍କୁ ବିବାହ କରିଥିବା ବେଳେ ପ୍ରଥମ ସ୍ତ୍ରୀଙ୍କ ଠାରୁ ସେହିଗ୍ରାମର ମାୟାଧର ଖଟୁଆ ଗାଁ ନିକଟରେ ଥିବା ଜମି କିଣିଥିଲେ। ତହସିଲରୁ ପଟ୍ଟା ହାସଲ କରିବା ପରେ ରବିବାର ମାୟାଧର ଓ ତାଙ୍କ ୨ ପୁଅ କବି ଖଟୁଆ, ଛବି ଖଟୁଆ ଉକ୍ତ ଜମିରେ କାମ କରୁଥିବା ବେଳେ ଏହାକୁ ଶଶା ଖଟୁଆଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ପୁଅ ବିଦ୍ୟାଧର ଖଟୁଆ ସେମାନଙ୍କୁ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ଓ ମାରପିଟ ହୋଇଥିଲା । ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ୨ଟି ମାମଲା(ନଂ.୨୬୦/୨୪ ଓ ୨୬୧/୨୪)ରୁଜୁ କରି ଘଟଣାର ତଦନ୍ତ କରୁଛି । ଉଭୟ ଗୋଷ୍ଠୀର ବିଦ୍ୟାଧର ଖଟୁଆ, ରବି ଖଟୁଆ, ଛବି ଖଟୁଆ ଓ କବିନ୍ଦ୍ର ଖଟୁଆଙ୍କୁ ଗିରଫ କରାଯାଇ ସୋମବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ କହିଛନ୍ତି ।

# ମରଣାନ୍ତକ ଆକ୍ରମଣ, ୩ କୋର୍ଟ ଚାଲାଣ

ରସୁଲପୁର,୮।୪(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତର ମାନପୁର ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଉପୁଜିଥିବା ଗଣ୍ଡଗୋଳରେ ଜଣେ ଯୁବତୀଙ୍କୁ ମରଣାତ୍ମକ ଆକ୍ରମଣ ହୋଇଛି । ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯିବାରୁ ସେହି ଗାଁର ବିଜୟ ମଳିକ ଝିଅ ଅପର୍ଣ୍ଣାଙ୍କ ଗୋଟିଏ ଆଖି ନଷ୍ଟ ହୋଇଯାଇଛି । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଏ ନେଇ ବିଜୟ ଥାନାରେ ଅଭିଯୋଗ କରିବାରୁ ପୋଲିସ ଅଭିଯୁକ୍ତ ମାନପୁର ଗ୍ରାମର ଚୈତନ୍ୟ ମଳିକଙ୍କ ୩ ପୁଅ ଅକ୍ଷୟ, ଚଗଲି, ପଙ୍କଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ଚୈତନ୍ୟ ମଳିକ ଓ ବିଜୟ ମଳିକଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦ ଲାଗି ରହିଥିଲା । ଘଟଣା ଦିନ ଚୈତନ୍ୟଙ୍କ ପୁଅମାନେ ଘରବାଡ଼ି ସୀମାରୁ ବାଡ ହାଣିବାରୁ ବିଜୟଙ୍କ ପରିବାର ଲୋକେ ବିରୋଧ କରିଥିଲେ। ବିଜୟଙ୍କ ଝିଅ ଅପର୍ଣ୍ଣା ଘଟଣା ସ୍ଥଳରେ ପହଁଚି ବିରୋଧ କରିବାକୁ ଚଗଲି ମଳିକ ତାକୁ ଠେଲି ଦେବାରୁ ସେ ତଳେ ପଡିଯାଇଥିଲେ । ଅନ୍ୟ ଭାଇମାନେ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ତାଙ୍କ ଆଖିରେ ଆଘାତ ଲାଗିଥିଲା। ପରିବାର ଲୋକେ ତାକୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନକୁ ସ୍ଥାନାନ୍ତର କରିଛନ୍ତି । ପୋଲିସ ଏକ ମାମଲା(ନଂ.୧୪୫/୨୪)ରୁଜୁ କରି ତଦନ୍ତ ଚଳାଇଛି ।

# ବ୍ୟବସାୟୀଙ୍କୁ ଆକ୍ରମଣକରି ୪ଲକ୍ଷ ୯୦ ହଜାର ଟଙ୍କା ଲୁଟ

ଡେରାବିଶ,୮।୪ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗୁଆଳସିଂ ପଞ୍ଚାୟତ ଡେରାବିଶ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ସୋମବାର ଅପରାହ୍ନ ସାଢେ ୩ଟାରେ ଦୁଇଜଣ ଯୁବକ ଜଣେ କୁକୁଡା ବ୍ୟବସାୟୀଙ୍କୁ ଛୁରି ଓ ରଡ଼ରେ ଆକ୍ରମଣ କରି ତାଙ୍କଠାରୁ ୪ଲକ୍ଷ ୯୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ଜଣକ ଏମ୍‌ଡି ଇସଲାମ। ଅପରାହ୍ନରେ ଇସଲାମ କେନ୍ଦ୍ରାପଡ଼ାରୁ ତାଙ୍କ ଘରକୁ ଫେରୁଥିବାବେଳେ ଏକ ଆମ୍ବତୋଟା ନିକଟରେ ତାଙ୍କୁ ପିଛା କରି ଆସୁଥିବା ଦୁଇଜଣ ଯୁବକ ବାଇକ୍‌କୁ ଅଟକାଇ ଥିଲେ। ଟଙ୍କା ଦେବାକୁ କହିବାକୁ ଇସଲାମ ଦେବାକୁ ମନା କରିବାକୁ ତାଙ୍କୁ ଯୁବକ ଦ୍ୱୟ ଛୁରି ଓ ଲୁହା ରଡରେ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ପରେ ଯୁବକ ଦ୍ୱୟ ତାଙ୍କ ପାଖରେ ଥିବା ଟଙ୍କା ଲୁଟି ନେଇ ଦ୍ରୁତଗତିରେ ୫୩ ନଂ. ଜାତୀୟ ରାଜପଥ ଆଡ଼କୁ ପଳାଇ ଯାଇଥିଲେ। ଖବରପାଇ ସଦର ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ସମେତ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଇସଲାମଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ଏଥିସହ ସିସିଟିଭି କ୍ୟାମେରାକୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ରାସ୍ତାରେ ପୋଲିସ ପଇଁତରାକୁ ଜୋରଦାର କରାଯାଇଛି।

# ଛକାଛକିରେ ଟିକେଟ ଆଶାୟୀ

ଯାଜପୁର,୮।୪(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରେ ଛକାଛକି ଚାଲିଛି। ବିଜେଡି ନ ହେଲେ ଭାଜପା ଏବଂ ଭାଜପା ନ ହେଲେ ବିଜେଡିକୁ ଡିଆଁ ମାରିବେ ବୋଲି ଆଶାୟୀଙ୍କ ସମର୍ଥକମାନେ କହି ବୁଲୁଛନ୍ତି। ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ୨୦୧୯ରେ ଏହି ନିର୍ବାଚନମଣ୍ଡଳୀରେ ବିଜେଡିର ମହିଳା କାର୍ଡ ଦେବାଶିଷ ନାୟକଙ୍କୁ ଟିକେଟ ମିଳିବାରୁ ବଞ୍ଚିତ କରିଥିଲା। ଭାଜପାରୁ ଆମଦାନୀ କରି ସୁନନ୍ଦା ଦାସଙ୍କୁ ବିଜେଡି ଟିକେଟ ଦେଇ ବିଜୟୀ କରିଥିଲା। କିନ୍ତୁ ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ ଏଠାରେ କଡ଼ା ଟକ୍କର ଦେଇଥିଲେ। ଏବେ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ସେତେବେଳର ଭାଜପା ନେତା ବିଶ୍ୱରଞ୍ଜନ ଏବେ ବିଜେଡି ଟିକେଟ ଅପେକ୍ଷାରେ ରହିଛନ୍ତି। ଅନ୍ୟପକ୍ଷେ ବିଧାୟିକା ସୁନନ୍ଦାଙ୍କୁ ଟିକେଟ ନ ମିଳିଲେ ଭାଜପାରେ ନୂତନ କରି ଯୋଗଦେଇଥିବା ପୂର୍ବତନ ବିଧାୟକ ଦେବାଶିଷଙ୍କୁ ସେ ସହଯୋଗ କରିବେ ବୋଲି ଚର୍ଚ୍ଚା ହେଉଛି। ଦେବାଶିଷ ବିଧାୟକ ଥିବାବେଳେ ସୁନନ୍ଦା ବରୀ ବ୍ଲକ ଅଧ୍ୟକ୍ଷା ରହିଥିଲେ। ତେଣୁ ଉଭୟଙ୍କ ମଧ୍ୟରେ ରାଜନୈତିକ ସମ୍ପର୍କ ଘନିଷ୍ଠ ରହିଛି। ଏଭଳି ସ୍ଥିତିରେ ଯଦି ବିଜେଡି ମହିଳାଙ୍କୁ ଉପେକ୍ଷା କରେ ତେବେ ମହଙ୍ଗା ପଡ଼ିପାରେ ବୋଲି ଅନେକେ ଆଶଙ୍କା କରୁଛନ୍ତି।

ବରୀରେ ବିଜେଡି, ଭାଜପା ଓ କଂଗ୍ରେସରେ ଅନ୍ତରୀଣ କନ୍ଦଳ ରାଜନୈତିକ ଦୃଶ୍ୟପଟକୁ ଆନ୍ଦୋଳିତ କରୁଛି । ୨୦୧୪ ନିର୍ବାଚନରେ ବିଶ୍ୱରଞ୍ଜନ ମଲ୍ଲିକଙ୍କଠାରୁ

## ବରୀ ବିଧାନସଭା ନିର୍ବାଚନମଣ୍ଡଳୀ



■ ମହଙ୍ଗା ପଡ଼ିପାରେ ମହିଳାଙ୍କୁ ଉପେକ୍ଷା

ମାତ୍ର ୭୧୭୩ ଭୋଟ ବ୍ୟବଧାନରେ ଦେବାଶିଷ ଏବଂ ୨୦୧୯ରେ ୪୦୬୨ ଭୋଟ ବ୍ୟବଧାନରେ ସୁନନ୍ଦା ବିଜୟୀ ହୋଇଥିଲେ। ଗତ ଦୁଇ ନିର୍ବାଚନରେ ବିଶ୍ୱରଞ୍ଜନ କଡ଼ା ଟକ୍କର ଦେଇ ଆସୁଛନ୍ତି। କିନ୍ତୁ ବର୍ତ୍ତମାନ ବିଶ୍ୱରଞ୍ଜନ ବିଜେଡିରେ ଏକପ୍ରକାର କୋଣଠେସା ହୋଇପଡ଼ିଛନ୍ତି। ଆଗଭଳି ଲୋକ ସମ୍ପର୍କ ବଜାୟ ରଖିବାରେ ସେ ବିଫଳ ହୋଇଥିବା କୁହାଯାଉଛି। ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଥିବାରୁ ବିଜେଡି ବିକଳ୍ପ ଚିନ୍ତା କରିପାରେ ବୋଲି ଚର୍ଚ୍ଚା ହେଉଛି। ବିଶେଷକରି ମହିଳା କାର୍ଡ ଏଠାରେ ଏକ ବିରାଟ ପରିବର୍ତ୍ତନ ଆଣିପାରେ ବୋଲି ମତପ୍ରକାଶ ପାଉଛି।

ପ୍ରତିବର୍ଷ ବନ୍ୟା ଯୋଗୁ ଏହି ନିର୍ବାଚନମଣ୍ଡଳୀର ପ୍ରାୟ ୮୦ ହଜାର ପରିବାର ପ୍ରଭାବିତ ହେଉଛନ୍ତି । ପ୍ରାୟ ୧୪ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହେଉଥିବାବେଳେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଆସୁଛନ୍ତି। ତେଣୁ ଦଳୀୟ ସାଂଗଠନିକ ସ୍ଥିତି ଓ ଜନସମର୍ଥନର ପୃଷ୍ଠଭୂମି ସହ ଚାଷୀ ଓ ଚଷା ସଂକ୍ରାନ୍ତୀୟ ବିଷୟ ନିର୍ବାଚନକୁ ପ୍ରଭାବିତ କରିବ ବୋଲି ଏଠାରେ ମତପ୍ରକାଶ ପାଇଛି। ଏହି ୫ ବର୍ଷ ମଧ୍ୟରେ ବରୀ ନିର୍ବାଚନମଣ୍ଡଳୀର ବିଭିନ୍ନ ଦଳୀୟ ସ୍ଥିତିରେ ବହୁ ପରିବର୍ତ୍ତନ ହୋଇଛି। ଗତ ନିର୍ବାଚନରେ ଟକ୍କର ଦେଇଥିବା ବିଶ୍ୱରଞ୍ଜନ ସ୍ୱାଧୀନରୁ ଭାଜପା ଏବଂ ଭାଜପାରୁ ବିଜେଡିକୁ ଯାଇ ଦଳଡିଆଁରେ ରେକର୍ଡ କରିଛନ୍ତି। କୃଷି ଓ କୃଷକଙ୍କୁ ଅବହେଳା ତଥା ବନ୍ୟା ମୁକାବିଲା କରିବାରେ ଅସମର୍ଥ କାରଣରୁ ଏଠାରେ ବିଜେଡିକୁ କଡା ଟକ୍କର ଦେବାକୁ ପଡୁଛି ବୋଲି କୁହାଯାଇଛି। ବ୍ରାହ୍ମଣୀ-ବିରୂପା-କେଲୁଅ ନଦୀବନ୍ଧ ଦୀର୍ଘବର୍ଷ ଧରି ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଫଳରେ ରୁଦ୍ରପୁର, ଖାଲପଡା, ବ୍ରହ୍ମବରଦା, ବାଙ୍କସାହି, ଏରବାଙ୍କ, ସାହାସପୁର, ବନ୍ଧଡିହ, କାକୁଡିପଦା ସମେତ ବରୀ ବ୍ଲକର ୨୯ଟି ପଞ୍ଚାୟତର ପ୍ରାୟ ୧୪ ହଜାର ହେକ୍ଟର ଚାଷ କ୍ଷତିଗ୍ରସ୍ତ ହୋଇଆସୁଛି। ଏଥିରେ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯିବା ସ୍ୱାଭାବିକ। ଦଳମତ ନିର୍ବିଶେଷରେ ଏଠାରେ ଶକ୍ତିଶାଳୀ ଚାଷୀ ସଂଗଠନ ଗଢ଼ିଉଠିଛି। ଚାଷୀ ସଂଗଠନ ଯଦିଓ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପକ୍ଷଧର ହୋଇନାହିଁ, ତଥାପି ସଂଗଠନ ଓ ଏହାର ଆନ୍ଦୋଳନରେ ସାମିଲ ହୋଇଥିବା ନେତାଙ୍କ ପ୍ରତି ଚାଷୀ ମହଲରେ ସମର୍ଥନ ରହିଛି। ଅନ୍ୟପକ୍ଷରେ ଦେବାଶିଷ ଦୀର୍ଘଦିନ ହେଲା ଲୋକଙ୍କ ସହ ସୁସମ୍ପର୍କ ରଖିବାରେ ବିଫଳ ହୋଇଥିବା କୁହାଯାଉଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ମହିଳା କାର୍ଡରେ ସୁନନ୍ଦାଙ୍କ ବ୍ୟତୀତ ସମାଜ ମଙ୍ଗଳ ବୋର୍ଡର ପୂର୍ବତନ ଅଧ୍ୟକ୍ଷା ସୁଲତା ଦେଓ ଓ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ରହିଛନ୍ତି। ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା ପରେ ବିଜେଡି ଓ ଭାଜପାରେ ଅନ୍ତର୍ଦ୍ୱନ୍ଦ୍ୱ ବିଦ୍ରୋହୀ ସଂଖ୍ୟାକୁ ବୃଦ୍ଧି କରିବା ନିଶ୍ଚିତ ବୋଲି ମନେ ହେଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଶିଷ


@ ରାକେଶ


@ ରକି



@ ସୁନିଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗଛ ଛାଇ ବିନା ଡହଳବିକଳ ହେବେ ଶ୍ରଦ୍ଧାଳୁ

■ ୫ଦିନ ପରେ ମା' ରାମଚଣ୍ଡୀ ଝାମୁଯାତ୍ରା

■ ପୋଖରୀ ଶୁଖିଲା, ହୁଡାରୁ ଗଛ ସବୁ କାଟି ଦେଲେ

ମହାକାଳପଡ଼ା,୮।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ପୀଠରେ ପଣା ସଂକ୍ରାନ୍ତି ଦିନ ପାରମ୍ପରିକ ଝାମୁଯାତ୍ରା ଅନୁଷ୍ଠିତ ହେବ। ଏହି ଝାମୁଯାତ୍ରାରେ ସଂଖ୍ୟାଧିକ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନକରି ସାନ୍ନିଧ ଲାଭକରିବେ। ମା' ଙ୍କ ଝାମୁଯାତ୍ରା ଏକ ସପ୍ତାହ ଧରି ଚାଲିଥାଏ। ତେବେ ଏହି ଯାତ୍ରାରେ ୫୦ ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହେବା ସମ୍ଭାବନା ରହିଛି। ତେବେ ମା'ଙ୍କ ପୀଠରେ ଚନ୍ଦନପୋଖରୀ ଶୁଖିଲା ପଡ଼ିଛି। ପୋଖରୀ ହୁଡ଼ାରେ ଶହେରୁ ଅଧିକ ବଡ଼ ବଡ଼ ଗଛ ସପ୍ତାହ ପୂର୍ବରୁ ଟ୍ରଷ୍ଟ ବୋର୍ଡ ଇସାରାରେ କାଟି ସଫା କରାଯାଇଛି। ଅପରପକ୍ଷରେ ଏହି ପୋଖରୀ ଜଳ ଓ ଗଛ ମୂଳେ ଶତାଧିକ ଶ୍ରଦ୍ଧାଳୁ ପ୍ରବଳ ଉତ୍ତାପରୁ ରକ୍ଷା ପାଇବା ପାଇଁ ମୁଣ୍ଡ ଗୁଞ୍ଜିଥାନ୍ତି। ତେବେ ଗଛ କଟାହେବା ପରେ ସଂଖ୍ୟାଧିକ ଶ୍ରଦ୍ଧାଳୁ କେଉଁଠି ଆଶ୍ରୟ ନେବେ ବୋଲି ମା' ରାମଚଣ୍ଡୀ ଆଞ୍ଚଳିକ ସେନାର ବଶିଷ୍ଠ ସଦସ୍ୟ ପ୍ରଶ୍ନ ଉଠାଇଛନ୍ତି। ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏହି ମନ୍ଦିର ପରିସରରେ ପୋଖରୀରୁ ପାଣି ଶୁଖାଇବା ଓ ଗଛ କାଟିବାକୁ ନେଇ ସାଧାରଣରେ ଘୋର ନୈରାଶ୍ୟ ଓ ଅସନ୍ତୋଷ ପ୍ରକାଶ ପାଇଛି।

ମା'ଙ୍କ ପୀଠରେ ଝାମୁଯାତ୍ରା ସମୟରେ ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଦୋକାନ ବଜାର ପସରା ମେଲାଇଥାନ୍ତି। ପ୍ରାୟତଃ ୧ ହଜାରରୁ ଅଧିକ ଦୋକାନ ବଜାର ଷ୍ଟଲ୍, ଅପେରା ପାର୍ଟି ଆଦି ପଡ଼ିବ। ଅପରପକ୍ଷରେ ଏହି ଝାମୁଯାତ୍ରାରେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବିଭିନ୍ନ ରାଜନୈତିକ ଦଳର ନେତା ବା ପ୍ରାର୍ଥୀମାନେ ମା'ଙ୍କ ଦର୍ଶନ କରିବା ପାଇଁ ଆସିବେ। ସେଥିପାଇଁ ମା'ଙ୍କ ପୀଠରେ ପ୍ରବଳ ଭିଡ଼ ପରିଲକ୍ଷିତ ହେବା ସମ୍ଭାବନା ରହିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଶ୍ରଦ୍ଧାଳୁମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରଷ୍ଟ ବୋର୍ଡ ପକ୍ଷରୁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରଦ୍ଧାଳୁମାନେ ପ୍ରଶ୍ନ ଉଠାଇଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ କିଛି ଅଘଟଣକୁ ଏଡାଇ ଦିଆଯାଇ ନ ପାରେ। ସଂଖ୍ୟାଧିକ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ଦୃଷ୍ଟିରୁ ପାନୀୟ ଜଳ ଯୋଗାଣ, ଅସ୍ଥାୟୀ ଛାମୁଣ୍ଡିଆ ନିର୍ମାଣ, ଚନ୍ଦନପୋଖରୀ ପାଣି ଭର୍ତ୍ତି, ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ, ରାମଚଣ୍ଡୀ ଆଞ୍ଚଳିକ ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ ଓ ସଦସ୍ୟମାନେ କେନ୍ଦ୍ରାପଡ଼ା ଜିଲାପାଳ ଦୃଷ୍ଟିଦେବାକୁ ଦାବି କରିଛନ୍ତି। ଯାତ୍ରା ପୂର୍ବରୁ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ବ୍ୟବସ୍ଥା ଯଦି ଗ୍ରହଣ କରା ନ ଯାଏ ବାଧ୍ୟ ହୋଇ ରାଜ୍ୟପାଳଙ୍କୁ ଲିଖିତ ଅଭିଯୋଗ କରିବେ ବୋଲି ସେନା ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ମା' ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟି ମଥୁରି ଚରଣ ସେନାପତିଙ୍କୁ ପଚାରିବାରେ ଗଛ ପୁରୁଣା ହୋଇଯାଇଥିବାରୁ କଟାଯାଇଥିବା ସ୍ୱୀକାର କରିଛନ୍ତି।


ମା' ରାମଚଣ୍ଡୀ ମନ୍ଦିରର ଚନ୍ଦନପୋଖରୀ ଶୁଖି ପାଣି ଆଣ୍ଠୁଏ। ହୁଡ଼ା ଗଛ ଶୂନ୍ୟ।

# କଂଗ୍ରେସ ଘୋଷଣା କରିନି ପ୍ରାର୍ଥୀ, ସନ୍ଦେହରେ କର୍ମୀ

ରଣପୁର, ୮।୪ (ସୁକାନ୍ତ କିଶୋର ଡାକୁଆ)

୨୦୨୪ ସାଧାରଣ ନିର୍ବାଚନର ବିଗୁଲ ବାଜିବା ପରେ ରଣପୁର ବିଧାନସଭା କ୍ଷେତ୍ରରେ ୨ ଦଳ ବିଜେଡି, ଭାଜପା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ବିଜେଡିର ପ୍ରାର୍ଥୀ ଭାବେ ସତ୍ୟନାରାୟଣ ପ୍ରଧାନଙ୍କୁ ଟିକେଟ ମିଳିଥିବାବେଳେ ଭାଜପାର ତାପସ ରଞ୍ଜନ ମାର୍ଥାଙ୍କୁ ଦଳୀୟ ଟିକେଟ ଦିଆଯାଇଛି। ହେଲେ କଂଗ୍ରେସ ପକ୍ଷରୁ ଏ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇପାରିନାହିଁ। ଏହାକୁ ନେଇ କର୍ମୀମାନେ ସନ୍ଦେହରେ ରହିଛନ୍ତି। ଭାଜପା ପ୍ରାର୍ଥୀ ପ୍ରଚାର ଆରମ୍ଭ କରିଦେଲେଣି। ଏହାକୁ ନେଇ ରଣପୁର ନିର୍ବାଚନମଣ୍ଡଳୀରେ ଜୋର୍ ଧରିଛି ରାଜନୈତିକ ଉଷ୍ମତା।

ସୋମବାର ଭାଜପାର ପ୍ରାର୍ଥୀ ତାପସ ରଞ୍ଜନ ମାର୍ଥା ଏକତାଳର ବାବା ଶ୍ରୀସିଦ୍ଧେଶ୍ୱର ଦେବଙ୍କ ପୀଠରେ ପୂଜାର୍ଚ୍ଚନାକରି ପ୍ରଚାର ମଇଦାନକୁ ବାହାରିଛନ୍ତି। ସେ ପଦଯାତ୍ରାରେ ଏକତାଳ, ଗୌରଚନ୍ଦ୍ରପୁର ଏବଂ କେରେଣ୍ଡାଟାଙ୍ଗୀ ପଞ୍ଚାୟତରେ ଘରକୁ ଘର ବୁଲି ଆଶୀର୍ବାଦ ଭିକ୍ଷା କରିଥିଲେ। ତାଙ୍କ ସହ ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା ମଧ୍ୟ ରହିଥିଲେ।



ଭାଜପା ପ୍ରାର୍ଥୀ ତାପସ ରଞ୍ଜନ ମାର୍ଥା ଓ କର୍ମୀମାନେ ଗାଁରେ ପ୍ରଚାର କରୁଛନ୍ତି।

## ରଣପୁର ବିଧାନସଭା କ୍ଷେତ୍ର

ଭାଜପା ନୟାଗଡ଼ ଜିଲା ସଭାପତି ମାର୍ଥାଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ମିଳିବା ପରେ ବନ୍ଧମୁଣ୍ଡା ପଞ୍ଚାୟତ ପକ୍ଷରୁ ତାଙ୍କୁ ସୋମବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତାଙ୍କ ପ୍ରାର୍ଥିତ୍ୱକୁ ନେଇ ରଣପୁର ଭାଜପାରେ ଦଳୀୟ କନ୍ଦଳ ତୀବ୍ର ହୋଇଛି। ରଣପୁର ବ୍ଲକର ଉପାନ୍ତ ଅଞ୍ଚଳ ବନ୍ଧମୁଣ୍ଡା ପଞ୍ଚାୟତରେ ଏଥିପାଇଁ ଭାଜପାର କର୍ମୀମାନେ ସମବେତ ହୋଇ ବିଧାୟକ ପ୍ରାର୍ଥୀ ମାର୍ଥାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସଭାରେ ମାର୍ଥାଙ୍କ ସହ ରଣପୁର ବ୍ଲକ ଅଧ୍ୟକ୍ଷା ବେହେରା, ପ୍ରଭାତ କୁମାର ମାଟି, ପରେଶ ଚନ୍ଦ୍ର ଜେନା, ହରିବନ୍ଧୁ ପରିଜା, ବୀରେନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ନାୟକ, ଚାନ୍ଦପୁର ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପାର ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ୨୦୦୪ ମସିହାରେ ବିଜେଡି-ଭାଜପା ମେଣ୍ଟର ପ୍ରାର୍ଥୀ ହୋଇ ରଣପୁର ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇ ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ୨୦୦୯ ମସିହାରେ ମେଣ୍ଟ ଭାଙ୍ଗିଯିବା ପରେ ସେ ୨୦୦୯, ୨୦୧୪ ଓ ୨୦୧୯ ମସିହାରେ ଭାଜପା ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜୟବରଣ କରିଥିଲେ। ପରାଜିତ ହେଲେ ମଧ୍ୟ ସେ ଦଳୀୟ ସଙ୍ଗଠନ ସହ ତାଙ୍କର ଯୋଗାଯୋଗ ରହିଥିଲା। କିନ୍ତୁ ବାରମ୍ବାର ଏଠାରେ ଦଳୀୟ ପ୍ରାର୍ଥୀ ପରାଜିତ ହେବା କାରଣରୁ ସୁରମାଙ୍କ ପରିବର୍ତ୍ତେ ଦଳ ଚାନ୍ଦପୁର ଅଞ୍ଚଳର ଯୁବନେତା ତାପସ ରଞ୍ଜନ ମାର୍ଥାଙ୍କୁ ପ୍ରାର୍ଥୀ କରିଛି। କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ସୁରମାଙ୍କ ସମର୍ଥକମାନେ। ତାପସଙ୍କୁ ପ୍ରାର୍ଥିତ୍ୱକୁ ପରିବର୍ତ୍ତନ କରିବାକୁ ସେମାନେ ସଭା ସମିତି କରି ଦଳ ଉପରେ ଚାପ ପ୍ରୟୋଗ କରୁଛନ୍ତି। ଅନ୍ୟପକ୍ଷରେ ବହୁସଂଖ୍ୟକ ଯୁବକ ତାପସଙ୍କୁ ସମର୍ଥନ କରୁଥିବା ଦେଖିବାକୁ ମିଳିଛି।

# ପକ୍ଷୀଙ୍କ ପାଇଁ ଗଛରେ ପାଣି ବ୍ୟବସ୍ଥା

ନୟାଗଡ଼, ୮।୪ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲା ବ୍ଲକ ଡୁମାଣ୍ଡି ପଞ୍ଚାୟତ ଗେଣ୍ଡୁଳି ମୁଣ୍ଡିଆ, ଦୁମଦୁମା ଜଙ୍ଗଲ, ବୁରୁଡୁ ଖାଲ, କଦଳୀ ଗଛ ଝରଣା, ଘଉଗଣ୍ଡା ଓ ବୁରିଆଗଣ୍ଡ ଜଙ୍ଗଲର ଗଛରେ ପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା କରାଯାଇଛି। ସାନକୁରୁବାରୀ ଗୋଷ୍ଠୀ ଜଙ୍ଗଲ ସମ୍ପଳ ଅଧିକାର ମା' ଗୁମା ଦେଇ କମିଟିର ସଦସ୍ୟାସଦସ୍ୟମାନେ ମାଟି ସରା, ମାଟି ପଲମରେ ପାଣି ରଖି ଗଛ ଡାଳରେ ଝୁଲାଇ ଦେଇଛନ୍ତି। ପ୍ରତି ଦୁଇଦିନରେ ଥରେ ନୂଆ ପାଣି ରଖୁଛନ୍ତି। ଗ୍ରୀଷ୍ମ ଋତୁରେ କୂପ, ପୋଖରୀ, ଗାଡିଆ, ନଦୀ ଶୁଖିଲା ପଡିବା ପରେ ଜଙ୍ଗଲରେ ଜଳ ସମସ୍ୟାକୁ ଏଡାଇ ପାଇଁ ପକ୍ଷୀଙ୍କ ପାଇଁ ଏପରି ବ୍ୟବସ୍ଥା କରାଯାଇଛି। ଗ୍ରାମ୍ୟ ଜଙ୍ଗଲ କମିଟିର ଗଣେଶ ଜାନୀ, ପଞ୍ଚାନନ ଜାନୀ, ଜେମା ଜାନୀ, ରମେଶ ଜାନୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।



ଗାଁର ମହିଳାପୁରୁଷମାନେ ଗଛରେ ମାଟି ପାତ୍ରରେ ପକ୍ଷୀଙ୍କ ଲାଗି ପାଣି ରଖିବାକୁ ଯାଉଛନ୍ତି।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଗଣିଆ, ୮।୪
(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ଥାନା ଅନ୍ତର୍ଗତ ବେଲପଡାପାଟଣା ପଞ୍ଚାୟତର ବେଲପଡ଼ା ମଝିସାହି ଗାଁ ପୋଖରୀରୁ ସୋମବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣଙ୍କ ହେଲେ ବେଲପଡ଼ା ଗ୍ରାମର ସୁଦର୍ଶନ ମହାପାତ୍ର (୭୪)। ସେ ମଧ୍ୟାହ୍ନରେ ୩୦୦ ମିଟରରେ ଥିବା ନେଳି ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଏକ ଘଣ୍ଟା ପରେ ଘରକୁ ନ ଫେରିବାରୁ ଝିଅ ଗ୍ରାମର ଲୋକମାନଙ୍କୁ କହିବା ପରେ ସବୁଆଡ଼େ ଖୋଜାଖୋଜି କରି ନିରାଶ ହୋଇଥିଲେ। କିଛି ସମୟ ପରେ ଗ୍ରାମର ମନୋଜ ବେହେରା ପୋଖରୀକୁ ଶୌଚ ହେବାକୁ ଯାଇଥିଲେ।

ପାଣି ଭିତରକୁ ଗଲା ବେଳେ ଗୋଡ଼ରେ କ'ଣ ବାଜିଲା ଭଳି ଲାଗିଲା, ଭୟରେ ବାହାରକୁ ଆସି ଲୋକଙ୍କୁ ଡାକିଲା ପରେ ଲୋକମାନେ ଆସି ପାଣି ଭିତରୁ ସୁଦର୍ଶନଙ୍କର ମୃତଦେହ ବାହାରକୁ ଆଣି ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ପରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଗଣିଆ ଥାନା ଅଧିକାରୀ ପରିଡ଼ା ସୂଚନା ଦେଇଛନ୍ତି।



ଖଣ୍ଡପଡ଼ାର ନୀଳକଣ୍ଠେଶ୍ୱର ଠାକୁରଙ୍କ ଦଣ୍ଡୁଆମାନେ ଗାଁ ପରିକ୍ରମା କରୁଛନ୍ତି।

# ନୀଳକଣ୍ଠେଶ୍ୱର ଦେବଙ୍କ ୧୨୮ ମୁଠା ଦଣ୍ଡପର୍ବ

ଖଣ୍ଡପଡ଼ା, ୮।୪ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ପାରମ୍ପରିକ ଦଣ୍ଡପର୍ବ ଆରମ୍ଭ ହୋଇଛି। ବେଣାଗାଡିଆ ଗ୍ରାମ ସମେତ ଆଖପାଖ ତେନ୍ତୁଳିଆପଲ୍ଲୀ, ମୁରାରୀପୁର, ପଥରଦ୍ୱାର, ବରକୋଳି ପ୍ରଭୃତି ୫ ଖଣ୍ଡ ଗ୍ରାମର ମାନସିକଧାରୀ ଦଣ୍ଡୁଆମାନେ ଦଣ୍ଡପର୍ବରେ ନିଷ୍ଠା ଓ କାଷ୍ଠାର ସହ ସାମିଲ ହୋଇଛନ୍ତି। ଶ୍ରୀନୀଳକଣ୍ଠେଶ୍ୱର ଦେବ ଦଣ୍ଡ କାମନା କୋଠିରୁ ୧୨୮ ମୁଠା ଦଣ୍ଡ ବାହାରି ରବିବାର ଗ୍ରାମ ପରିକ୍ରମା କରିବା ଅବସରରେ ପ୍ରତ୍ୟେକ ବ୍ୟକ୍ତି ବାସଗୃହ ସମ୍ମୁଖରେ ଦଣ୍ଡ ଠାକୁରଙ୍କୁ ଦୀପ ଜାଳି ଭୋଗ ଲାଗିକରିଥିଲେ। ମାନସିକଧାରୀମାନେ ଦଣ୍ଡ ଠାକୁରଙ୍କ ନିକଟରେ ଗୁହାରିଆ ପଡିଥିଲେ। ଦଣ୍ଡ ଠାକୁରଙ୍କ ଗ୍ରାମ ପରିକ୍ରମା କରିବା ଅବସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ହରିବୋଲ ହୁଳହୁଳି ଧ୍ୱନିରେ ଗ୍ରାମ୍ୟ ପରିବେଶ ଉତ୍ସବ ମୁଖରିତ ହୋଇଉଠିଥିଲା। ଦଣ୍ଡ ଠାକୁରଙ୍କ ଆଜ୍ଞାରେ ଗୁହାରିଆ ପଡିଥିବା ମାନିସିକଧାରୀମାନେ ଉଠିବା ବେଳେ ଭଗବାନଙ୍କ ଅପୂର୍ବ ମିଳନର ଦୃଶ୍ୟକୁ ଉପଭୋଗ କରିଥିଲେ। ରାତିରେ ଗାଁ ଦାଣ୍ଡରେ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆଶିଷ



@ ରାକେଶ



@ ରବି




@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୟାଗଡ଼ ସରକାରୀ ଓକିଲ ସାଉଁଟିଲେ ସମ୍ମାନ

## ରାଜ୍ୟ କ୍ରାଇମବ୍ରାଞ୍ଚ କଲା ସମ୍ମାନିତ

ନୟାଗଡ଼, ୮।୪ (ଲୋକନାଥ ମିଶ୍ର)

ମହିଳା ନିର୍ଯାତନା ମାମଲାର ପରିଚାଳନା କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରି ନୟାଗଡ଼ ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟର ସରକାରୀ ଓକିଲ ଅମୀୟ କୁମାର ପଟ୍ଟନାୟକ ରାଜ୍ୟ କ୍ରାଇମବ୍ରାଞ୍ଚରୁ ସମ୍ମାନିତ ହୋଇ ନୟାଗଡ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଫତେଗଡ ଥାନା ଅଞ୍ଚଳରେ ଜଣେ ୧୬ବର୍ଷର ନାବାଳିକାଙ୍କୁ ପୋଲିସ ଏସ୍ଆଇ ବଳାତ୍କାର କରିବାକୁ ନେଇ ନଂ. ୧୬୨/୨୦୧୮ରେ ମାମଲାକୁ ଦକ୍ଷତାର ସହ ଓକିଲ ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ଘଟଣାରେ ପୋଲିସ ଅଧିକାରୀ ଦଣ୍ଡିତ ହୋଇଥିଲେ। କ୍ରାଇମବ୍ରାଞ୍ଚର ଅଧିକାରୀ ଅରୁଣ ବ୍ରୋଥା ଏହି ସମ୍ମାନିତ କରିଛନ୍ତି। ସେହିପରି ଇଟାମାଟି ଥାନା ଅଞ୍ଚଳର ଏକ ସମ୍ବେଦନମୂଳକ ଘଟଣାରେ ଦୋଷୀ ଦଣ୍ଡ ପାଇବା ପରେ ତତ୍କାଳୀନ କ୍ରାଇମବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ମଧ୍ୟ ସମ୍ମାନିତ କରିଥିଲେ।

# ଛାତରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ

ନୂଆଗାଁ, ୮।୪ (ଧନେଶ୍ୱର ସାହୁ)

ନୂଆଗାଁ ଥାନା ଗଦାଧରପୁରଠାରେ ସୋମବାର ଜଣେ ଶ୍ରମିକ କାମ କରୁଥିବାବେଳେ ଛାତରୁ ଖସି ତଳେ ପଡି ମୃତ୍ୟୁ ହୋଇଛି। ମୃତ ଶ୍ରମିକ ଜଣକ ହେଲେ ରବୀନ୍ଦ୍ର ପ୍ରଧାନ (୫୫)। ଗଞ୍ଜାମ ଜିଲା ପୋଲସରା ଥାନା କଳମ୍ବ ଗାଁର ରବୀନ୍ଦ୍ର ନିଜ ଭିଣୋଇ ପ୍ରଦୀପ୍ତ ପ୍ରଧାନଙ୍କ ସହ ନୂଆଗାଁ ଗଦାଧରପୁରଠାରେ କାମ କରିବାକୁ ଆସିଥିଲେ। ତେବେ ଶ୍ରମିକମାନେ ସୋମବାର ଛାତ ଉପରେ ଚଢ଼ି କାମ କରୁଥିବା ବେଳେ ଅସାବଧାନତା ହେତୁ ରବୀନ୍ଦ୍ରଙ୍କ ଗୋଡ ଖସି ଯିବାରୁ ସେ ତଳେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ରବୀନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୂଆଗାଁ ଅଗ୍ନିଶମ ଗାଡ଼ିରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ତେବେ ସେଠାରେ ରବୀନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ୧୩ ଦିନ ଯାତ୍ରା ସମୟରେ ଆମିଷ ବିକ୍ରି ବନ୍ଦ

## ଶ୍ରୀରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରା ପ୍ରସ୍ତୁତି ବୈଠକ

ଓଡ଼ଗାଁ, ୮।୪ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ପୀଠରେ ୧୩ ଦିନ ବ୍ୟାପୀ ପାଳନ ହେଉଥିବା ଶ୍ରୀରାମ ନବମୀ ଯାତ୍ରା ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋମବାର ଓଡ଼ଗାଁ ବ୍ଲକ ସମ୍ମିଳନୀ ଗୃହରେ ତହସିଲଦାର ଡ. ମାନସ ରଞ୍ଜନ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ପ୍ରକାଶ କୁମାର ସିଂ, ଶରଣକୁଳ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ, ଓଡ଼ଗାଁ ଆଦର୍ଶ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ, ଗୋଷ୍ଠୀ ଚିକିତ୍ସାଧିକାରୀ ଦୀପକ କୁମାର ବଳ, ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ଏପ୍ରିଲ ୧୭ରୁ ଏପ୍ରିଲ ୨୯ ତାରିଖ ସୋମବାର ପର୍ଯ୍ୟନ୍ତ ଦୀର୍ଘ ୧୩ ଦିନ ବ୍ୟାପୀ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବ ନିମନ୍ତେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟତଃ ଯାତ୍ରା ଅବଧି ସମୟରେ ଜନସାଧାରଣ, ମନ୍ଦିର ପୂଜକ ପରିଷଦ ତଥା ଶାନ୍ତି କମିଟିର ସହଯୋଗ କାମନା କରିଥିଲେ। ସେହିପରି ପରିମଳ, ପାନୀୟଜଳ, ଟ୍ରାଫିକ ନିୟନ୍ତ୍ରଣ, ଆଶୁ ଚିକିତ୍ସା, ଅଗ୍ନିଶମ, ବିଦ୍ୟୁତ୍ ଯୋଗାଣ, ନିୟନ୍ତ୍ରଣ କକ୍ଷ ସ୍ଥାପନ, ଏନ୍‌ସିସି ଓ ସ୍କାଉଟ ମୁତୟନ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା।

ମନ୍ଦିର ଗର୍ଭଗୃହରେ ଦୀପ ପ୍ରଜ୍ୱଳନ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଠିକ୍ ସେହିପରି ନକଲି ଘିଅ ବିକ୍ରି ଉପରେ କଟକଣା ଲାଗୁ ସହ ହନୁମାନ ଛକଠାରୁ ମନ୍ଦିର ପର୍ଯ୍ୟନ୍ତ ଆମିଷ ବିକ୍ରି ଉପରେ କଟକଣା ଜାରି ସହ ଆଲୋକ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଭକ୍ତମାନେ ଦୀପଷ୍ଟାଣ୍ଡରେ ଦୀପ ଜାଳିବା ସହ ଯାତ୍ରା ଶେଷ ହେବା ପରେ ମନ୍ଦିର ସୌନ୍ଦର୍ଯ୍ୟକରଣରେ ବ୍ୟାଘାତ ସୃଷ୍ଟି କରୁଥିବା ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ପାଇଁ ଆଲୋଚନା ହୋଇଥିଲା। ରଘୁନାଥଙ୍କ ନିଜସ୍ୱ ମୂଲ୍ୟବାନ ଜାଗାରୁ ଜବରଦଖଲ ଉଚ୍ଛେଦ ସହ ରଘୁନାଥଙ୍କ ମାସିକ ଆୟବ୍ୟୟ ଅଟକଳ ସାର୍ବଜନୀନ କରିବାକୁ ଦାବି ହୋଇଥିଲା। ଭକ୍ତଙ୍କ ଦର୍ଶନ ସୁବିଧାକୁ ଦୃଷ୍ଟିରେ ରଖି ସିଙ୍ଗଲ ୱେ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ। ରାମ ନବମୀ ମଧ୍ୟାହ୍ନରେ ଗ୍ରୀଷ୍ମ ତାପ ନିରାକରଣ ନିମନ୍ତେ ସ୍ପ୍ରେ ମେଶିନ ସାହାଯ୍ୟରେ ଭକ୍ତମାନଙ୍କୁ ସୁବାସିତ ଜଳ ସିଞ୍ଚନ କରିବା ପାଇଁ ଅନୁରୋଧ କରାଯାଇଥିଲା। ଯାତ୍ରାର ବ୍ୟାପକ ପ୍ରଚାରପ୍ରସାର ନିମନ୍ତେ ସରକାରୀ ସମେତ ବେସରକାରୀ ଟିଭି ଚ୍ୟାନେଲଗୁଡ଼ିକୁ ଅନ୍ତର୍ଭୁକ୍ତ କରି ପ୍ରଭୁଙ୍କର ପ୍ରତ୍ୟେକ ଦିନର ସନ୍ଧ୍ୟା ବେଶକୁ ଲାଇଭ କରିବାକୁ ଆଲୋଚନା ହୋଇଥିଲା। ଏହାଦ୍ୱାରା ପ୍ରଭୁଙ୍କର ଯାତ୍ରା ବ୍ୟାପକ ଭାବରେ ଜନାଦୃତ ହୋଇପାରିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ, ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ସୁଆର ପରିଷଦ ସଭାପତି ସୁବ୍ରତ କୁମାର ପଣ୍ଡା, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଭକ୍ତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

